# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA

- ଅସରପା ଅଭିଯାନ
- କଟକୀ ନେତାଙ୍କ ଫୁଲ ପ୍ରେମ
- ମହିଳାଙ୍କ ଭୋଟ୍ ବ୍ୟାଙ୍କ କାହାର
- ପଞ୍ଜାବରେ 'ଆପ୍'ର ସେମିଫାଇନାଲ୍
- ବିଜେପିରେ ଛକାପଞ୍ଝା; ଫାଇଦା ନେବେ ବିରୋଧୀ
- ଅନୀଲ ବିଶ୍ୱାଳଙ୍କ ସହ ସାକ୍ଷାତକାର

ଭଲ ଲାଗିଲେ ଟଙ୍କାଟିଏ ଦିଅନ୍ତୁ

PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-27 25 MAY - 31 MAY 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୨୭ ୨୫ ମେ - ୩୧ ମେ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର



ଗର୍ବିତ ଓଡ଼ିଆ



# ଅସରପା ପାଇଁ ପ୍ରେମ

ସୋସିଆଲ୍ ମିଡିଆ ଅସରପାମୟ୍ । ମୋଦି ଭକ୍ତମାନେ ହିଟ୍ ସ୍ପ୍ରେ କରି ଚାଲିଛନ୍ତି । ହେଲେ ହଠାତ୍ କାହିଁକି ଏତେ ଅସରପା ମାତିଲେ, ସରକାର ତାହାର କାରଣ ଖୋଜିବା ଦରକାର। ଯୁବ ଅସରପା ଏତେ ଖପ୍ପା କାହିଁକି ? ତାହାର ନିରାକରଣ ଦରକାର।

ଛଅ ଗୋଡ଼ିଆ ଏହି ପ୍ରାଣୀଟି ରୋଷେଇ ଘର ସିଙ୍କ ତଳେ, ଡବା ସନ୍ଧି ବା ବହିଥାକରେ ହିଁ ଦେଖିବାକୁ ମିଳନ୍ତି । କିଏ କହେ ଅସରପା ବଢ଼ିଲେ ଧନ ବଢ଼େ । ଅସରପାକୁ ଦେଖିଲେ କିଏ ଘୃଣାରେ ନାକ ଟେକନ୍ତି ତ ଆଉ କିଏ ଡରିଯାଆନ୍ତି । ଆମ ଓଡ଼ିଆରେ ବି ଅସରପା ନାଁରେ ଢ଼ଗଟେ ଅଛି, 'ଅସରପା ଗୋଟେ ଚଢ଼େଇ...' ଗୁରୁତ୍ୱନଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏଭଳି ଢଗର ପ୍ରୟୋଗ ହୁଏ । ହେଲେ ଅସରପା କେବେ ଭାବିନଥିବ, ଦିନେ ମଣିଷଗୁଡ଼ା ବି କହିବେ ଆଇ ଆମ ଏ କକ୍ରୋଚ, ବା ମୁଁ ବି ଗୋଟେ ଅସରପା । ଗତ ସପ୍ତାହରେ କିନ୍ତୁ ଭାରତର ଯୁବପୀଢ଼ି ନିଜକୁ ଅସରପା କହି ଚର୍ଚ୍ଚା ସୃଷ୍ଟି କରିଛନ୍ତି । ସାରା ଦେଶରେ ଅସରପା ଅଭିଯାନ ଆରମ୍ଭ ହୋଇଯାଇଛି । ସାମାଜିକ ସହ ରାଜନୀତିକ କ୍ଷେତ୍ରରେ ବି ଚର୍ଚ୍ଚା ସୃଷ୍ଟି କରିଛି 'ଅସରପା' । ଏମିତିବି ଅସରପା ଏତେ ବଢ଼ିଗଲା ଯେ, ସରକାର ବି ନାକୁଆଣୀ ହୋଇଯାଇଛନ୍ତି । ସୋସିଆଲ ମିଡ଼ିଆରେ ମୋଦି ଭକ୍ତମାନେ ହିଟ୍ ସ୍ପ୍ରେ କରି ଚାଲିଛନ୍ତି । କିଏ ତାଙ୍କୁ ଦେଶଦ୍ରୋହୀ ତ କିଏ ତାଙ୍କୁ ଆତଙ୍କୀ ସଜାଇ ଦେଉଛନ୍ତି । ତେବେ ଯିଏ ଯାହା କହୁନା କାହିଁକି ଜେନ-ଜି ନାମରେ ହୋଇଥିବା ଏହି ଅଭିଯାନକୁ କିନ୍ତୁ ଅନକେ ବୁଦ୍ଧିଜୀବୀ ବି ସମର୍ଥନ କରୁଛନ୍ତି । ଭାରତରେ ନେପାଳ ବା ବାଂଲାଦେଶ ଭଳି ଗୃହଯୁଦ୍ଧ ବା ଆନ୍ଦୋଳନ ନହେଉ, ଆମେ ଏହା ନିଶ୍ଚିତ ଭାବେ କାମନା କରିବୁ । ହେଲେ ଏହି ଅସରପା କାହିଁକି ବ୍ୟାପିଲେ, ସରକାର କିନ୍ତୁ ତାହାର କାରଣ ଖୋଜିବା ଦରକାର । ଯୁବବର୍ଗ ଏତେ ଖପ୍ପା କାହିଁକି ହୋଇଯାଇଛନ୍ତି ତାହାର ନିରାକରଣ ବି ଦରକାର । ସରକାର ଅତ୍ୟଧିକ ନିର୍ବାଚନ ମନସ୍କ ହେଉଥିବାରୁ ଏମିତି ଏକ କିଳାକୁ ହୁଇସିଲ୍ ମାରି ଡାକିଛନ୍ତି କହିଲେ ଭୁଲ୍ ହେବନାହିଁ । ପରିଚାଳନାଗତ ତ୍ରୁଟି ପାଇଁ ନିଜକୁ ଦାୟୀ ନକରି ଆଜିକାଲି ସରକାର ଅନେକଙ୍କ ମୁଣ୍ଡରେ ଦୋଷ ଲଦି ଚାଲିଛନ୍ତି । କଂଗ୍ରେସ ଦେଶରେ ଓ ଅନେକ ରାଜ୍ୟରେ ସରକାରରେ ନଥିବାବେଳେ ପ୍ରତି ପ୍ରସଙ୍ଗରେ ପୁରୁଣା କଥାକୁ ଉଖାରିବା ଆଜିକାଲି ବିଜେପିର ଖୋଇ ହୋଇଗଲାଣି । ନୂଆ ପୀଢ଼ି ଆଉ ଅତୀତର କରାଳ ଗର୍ଭକୁ ଯାଇ ସମୟ ନଷ୍ଟ କରିବାକୁ ଚାହୁଁନାହାନ୍ତି । ସେମାନେ ବର୍ତ୍ତମାନରେ ବଞ୍ଚିବା ସହ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖୁଛନ୍ତି । ଯେତେବେଳେ ବଞ୍ଚିବା ମୁସ୍କିଲ୍ ହୋଇପଡ଼ିବ, ସ୍ୱପ୍ନଟା ଯଦି ଭୟାନକ ହେବ ଏମିତି ହିଁ ଅସରପା ବଢ଼ିଚାଲିବେ... ।

ODIA WEEKLY GARVIT ODIA

# କଟକୀ ନେତାଙ୍କ ଫୁଲ ପ୍ରେମ

କଟକୀ ନେତାମାନେ ଏବେ ଫୁଲ ପ୍ରେମରେ ପଡ଼ିଯାଇଛନ୍ତି । ଅବଶ୍ୟ ଯେଉଁମାନେ ଫୁଲ ପ୍ରେମରେ ପଡ଼ିଛନ୍ତି ସେମାନେ ବାଧ୍ୟବାଧକତାରେ ଯାଇଛନ୍ତି । ବିଜେଡ଼ିରେ ଗୁରୁତ୍ୱ ନମିଳିବାରୁ ଟାଣୁଆ ବିଜେଡ଼ି ନେତାମାନେ ଏଭଳି ନିଷ୍ପତ୍ତି ନେଇଛନ୍ତି । ଭର୍ତ୍ତୃହରି ମହତାବ ହେଉଛନ୍ତି ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଉତ୍ତରାଧିକାରୀ । ୧୯୯୮ରୁ ସେ ଜିତି ଆସୁଛନ୍ତି । ସଂସଦରେ ବି ତାଙ୍କୁ ଶ୍ରେଷ୍ଠ ସାଂସଦ ଭାବେ ସମ୍ମାନୀତ କରାଯାଇଥିଲା । କିନ୍ତୁ ଭିକେ ପାଣ୍ଡିଆନଙ୍କ ଆଗରେ ହାଁ ଜୀ ହାଁ ଜୀ କରିବାକୁ ତାଙ୍କୁ ଭଲ ଲାଗିଲାନି । ସୁବାସ ସିଂଙ୍କ ମାମଲତି ବି ତାଙ୍କୁ ଭଲ ଲାଗିଲାନି । ବିଜେପିର ଶୀର୍ଷ ନେତୃତ୍ୱଙ୍କ ସହ ସୁସମ୍ପର୍କ ଥିବାରୁ ସେ ବିଜେପିକୁ ଗଲେ । ସେହିପରି ପ୍ରଭାତ ବିଶ୍ୱାଳଙ୍କୁ ଦଳ ଗୁରୁତ୍ୱ ଦେଉନଥିବାରୁ ସେ ରାଗିପାଚି ସମୟକୁ ଅପେକ୍ଷା କରି ରହିଥିଲେ । ଦିଲ୍ଲୀପ ରାୟ ରାଜ୍ୟସଭା ନିର୍ବାଚନ ଲଢ଼ିବା ବେଳେ ସେ ମଧୁର ପ୍ରତିଶୋଧ ନେଇଥିଲେ । ତାଙ୍କ ପୁଅ ଦିଲ୍ଲୀପଙ୍କୁ ଭୋଟ୍ ଦେଇଥିଲା । ବାପ-ପୁଅ ବିଜେଡ଼ିରୁ ବିଦା ହେବାପରେ ଏବେ ବିଜେପିକୁ ଯିବେ । ଅବଶ୍ୟ ମିଶ୍ରଣ ପର୍ବର ସମୟ ଓ ସ୍ଥାନ ଏଯାବତ ନିରୂପଣ ହୋଇପାରିନି । କଟକ ଜିଲ୍ଲାର ଆଉ ଜଣେ ଟାଣୁଆ ନେତା ହେଉଛନ୍ତି ଦେବାଶିଷ ସାମନ୍ତରାୟ । ନିକଟରେ ସେ ପ୍ରଭାତ ବିଶ୍ୱାଳଙ୍କ ଉପରେ ଗର୍ଜିଥିଲେ । ନବୀନ ବାବୁଙ୍କ ପାଇଁ ଆଗକୁ ବାହାରିଥିଲେ । ହେଲେ କଟକ ରାଜନୀତିରେ ସୁବାସ ସିଂ ଦବଦବା ବଢ଼ିବା ତାଙ୍କ ଦେହରେ ଗଲାନାହିଁ । ପୁଣି ଥରେ ବିଜେଡ଼ି ପକ୍ଷରୁ ଅଫିସିଆଲି ଫେରିଆସ ପାଣ୍ଡିଆନ୍ ବୋଲି ଅଭିଯାନ ଚାଲିବାରୁ ସେ ଖପ୍ପା ହୋଇ ଯାଇଥିଲେ । ସୋମବାର ସେ ବିଜେପିରେ ମିଶିବେ ବୋଲି ଚର୍ଚ୍ଚା ହୋଇଥିଲା । ଅବଶ୍ୟ ରିପୋର୍ଟ ଲେଖିବା ବେଳକୁ ଦେବାଶିଷଙ୍କର ମତାମତ ମିଳିନଥିଲା । ଦେବାଶିଷ ବିଜେପିକୁ ଗଲେ ପୁଣି କଟକରେ ବିଜେଡ଼ି ଦୁର୍ବଳ ହୋଇଯିବ । କେବଳ ସୁବାସ ହିଁ କଟକ ବିଜେଡ଼ି ଜଙ୍ଗଲରେ ଏକମାତ୍ର ସିଂହ ହୋଇ ରହିବେ । ପ୍ରଭାତ, ଦେବାଶିଷଙ୍କର ଭଲ ସଂଗଠନ ରହିଛି । ଯାହାର ପ୍ରଭାବ ଆଖପାଖ ଅଞ୍ଚଳରେ ବି ପଡ଼ିବ ।

ବି.ଦ୍ର: 'ଗର୍ବିତ ଓଡ଼ିଆ' ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ କରାଯିବ।




## ବାବା ଅବ୍ଜର୍ଭାନନ୍ଦ

ଏମିତି କଣ କହିଦେଲେ କି ସେ
ମୁଖ୍ୟ ବିଚାରପତି,
ଦେଶ ସାରା ଦେଖ ନିଆଁ ଲାଗିଗଲା
କେତେ ବଢ଼ିଗଲା ତାତି ।

ଗେରୁଆ ଭକ୍ତଙ୍କୁ ଘାରିଲାଣି ଏବେ
କକୋରୋଚର ଭୟ,
ନର୍ଦ୍ଦମାର କୀଟ ଘରେ ଘରେ ଏବେ
ପଶିବା ଯେମିତି ଥୟ ।

ଦେଶର ମାଲିକ ରଖିଅଛ ଯଦି
ଦେଶକୁ ନିର୍ମଳ ସଫା,
କାହିଁକି ଡରୁଛ କେମିତି ପଶିବ
ଛାର ଏହି ଅସରପା ।

ସବୁ ତ ଜଗିଛ କହୁଥିଲ ଦିନେ
ମୁଁ ବି ଚଉକିଦାର,
ବେଗନ ସ୍ପ୍ରେ କି ନକଲି ତୁମର
ପଶିଗଲା ଏତେ ଡର ।

ଅସରପା ଅଟେ ଓମ୍ନିଭରସ
ଓଡ଼ିଆରେ ସର୍ବଗିଳା,
ବଂଶ ବଢିଗଲେ ନିଶ୍ଚୟ ସାଜିବ
ସରକାର ପାଇଁ କିଳା ।

ଖାତା ଖତିୟାନ ନଥାଇ ବିପଦ
ଆଣିଲାଣି ଗୋଟେ ଦଳ,
ସତରେ କକ୍ରୋଚ ପାର୍ଟି ହେଇଗଲେ
ସାଜିବ ତୁମର କାଳ ।

ମେଲୋଡି ଖାଉଛ ମେଲୋନୀ
ସାଙ୍ଗରେ ବିଦେଶରେ ବୁଲି ବୁଲି,
ଦୋଷ ଦେବନାହିଁ ଦେଶବାସୀ ଯଦି
ଯାଆନ୍ତି ତୁମକୁ ଭୁଲି ।

# ଅସରପା ଅଭିଯାନ

ନା ରାଲି, ନା ଶୋଭାଯାତ୍ରା, ନା ଆନ୍ଦୋଳନ । ହଠାତ୍ ସୋସିଆଲ ମିଡ଼ିଆରେ ଏକ 'ମିମ୍'ରୁ ଆରମ୍ଭ ହୋଇଛି ବଡ଼ ମୁଭମେଣ୍ଟ । ଯାହାକି ଭାରତର ରାଜନୀତିକ ଇତିହାସରେ କେବେବି ଦେଖିବାକୁ ମିଳିନଥିଲା । ସମସ୍ତଙ୍କ ଚକ୍ଷୁରେ ଘୃଣିତ 'ଅସରପା' ପ୍ରେମରେ ଏବେ ଯୁବପୀଢ଼ି ଉବୁଟୁବୁ ହୋଇଯାଇଛନ୍ତି । ବେକାରୀ ଯୁବକଙ୍କ ଉଦ୍ଦେଶ୍ୟରେ ସିଜେଆଇ ସୂର୍ଯ୍ୟକାନ୍ତଙ୍କ 'ଅସରପା' ଟିପ୍ପଣୀ ସେମାନଙ୍କ ଇଗୋ ହର୍ଟ କରିଛି ବୋଲି କହିଲେ ଭୁଲ୍ ହେବନି । ବିଜେପି ବା ସରକାର ଅସରପାଙ୍କ ବିରୋଧରେ ତ ଅଭିଯାନ ଚଲାଇବେ, ବିରୋଧୀ ତ 'ଅସରପା ଅଭିଯାନ'ରୁ ଫାଇଦା ନେବାକୁ ଚାହିଁବେ... କିନ୍ତୁ କାହିଁକି ଆମ ଯୁବପୀଢ଼ିଙ୍କ ମନରେ ଏତେ କ୍ଷୋଭ, କାହିଁକି ସେମାନଙ୍କ ମନରେ ଅସନ୍ତୋଷ କୁହୁଳୁଛି ? ପ୍ରଶାସନିକ ଓ ରାଜନୀତିକ ସ୍ଥାଣୁତା ପାଇଁ ଏମିତି ହେଉଛି କି ? ବେକାରୀର ଜ୍ୱାଳାରେ ଛଟପଟ ହୋଇଯାଉଛନ୍ତି କି ? ଏସବୁର ଉତ୍ତର ଖୋଜି ତାହାର ନିରାକରଣ କରିବା ଆବଶ୍ୟକ । **କାହିଁକିନା ହିଟ୍ ସ୍ପ୍ରେରେ ସିନା କିଛି ସମୟ୍ ପାଇଁ ଅସରପା କମିଯାଆନ୍ତି କିନ୍ତୁ କିଛିଦିନ ପରେ ଯାହାକୁ ସେଇଆ... । ଏମିତି ସ୍ଥିତି ନଆସୁ...**




ସର୍ବିତ ଓଡ଼ିଆ
SARVIT ODIA

ଗର୍ବିତ ଓଡ଼ିଆ

# ଶେଷରେ ଅସରପା

ଅସରପା, ଅଜର ଅମର ଜନ୍ତୁଟିଏ । ପରମାଣୁ ବୋମା ବି ଏହାର ବଂଶ ନାଶ କରିପାରିବ ନାହିଁ । ଠିକ୍ ସେମିତି ସରକାର କାହାର ସୋସିଆଲ ମିଡ଼ିଆ ଆକାଉଣ୍ଟ ବ୍ୟାନ୍ କରିପାରନ୍ତି ହେଲେ, ନ୍ୟାରେଟିଭକୁ ମାରିପାରିବେ ନାହିଁ । ଅସରପା କାହିଁକି ବଢ଼ନ୍ତି ଆଗ ସେକଥା ବୁଝିବା ଦରକାର । ରୋଷେଇ ଘର ସବୁବେଳେ ଓଦା ରହିଲେ, ଘର ଅପରିଷ୍କାର ହେଲେ, ବହିଥାକ ନିୟମିତ ନସଜାଡ଼ିଲେ ଅସରପା ବଢ଼ନ୍ତି । ପ୍ରଥମେ ଏକଥା ସ୍ୱୀକାର କରିବାକୁ ପଡ଼ିବ । ଯେପର୍ଯ୍ୟନ୍ତ ପରିଷ୍କାର ପରିଚ୍ଛନ୍ନ ଘର ନହୋଇଛି ସେପର୍ଯ୍ୟନ୍ତ ଅସରପା କମିବାର ଚାନ୍ସ ହିଁ ନାହିଁ । ଠିକ୍ ସେମିତି ବ୍ୟବସ୍ଥା ଯେତେବେଳେ ଅପରିଷ୍କାର ହୁଏ, ସେତେବେଳେ ଅସରପା ବଢ଼ିବେ ହିଁ ବଢ଼ିବେ । ଯାହା ଆଜି ଦେଖିବାକୁ ମିଳୁଛି ।

## କକ୍ରୋଚ ଜନତା ପାର୍ଟି

ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ମତକୁ ନେଇ ସୋସିଆଲ ମିଡ଼ିଆରେ ଘମାସାନ ଚର୍ଚ୍ଚା ହେଲା । କିଛି ସମର୍ଥନ କଲେ କିନ୍ତୁ ଅନେକ ବିରୋଧ କଲେ । ଏହି ମଉକାରେ ସୋସିଆଲ ମିଡ଼ିଆରେ ସିଜେପି ବା କକ୍ରୋଚ ଜନତା ପାର୍ଟି ଟ୍ରେଣ୍ଡିଂ କରିବା ଆରମ୍ଭ କଲା । ଇନଷ୍ଟାଗ୍ରାମ, ଫେସବୁକ୍ ଓ ଏକ୍ସ ହ୍ୟାଣ୍ଡେଲରେ ଏହା ଏତେ ଜୋରରେ ଟ୍ରେଣ୍ଡିଂ କଲାଯେ, ସାରା ଦେଶରେ ଅସରପାକୁ ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଗଲା । ସ୍ଥିତି ଏମିତି ହେଲାଯେ, ମାତ୍ର ୫ ଦିନରେ ଇନଷ୍ଟାଗ୍ରାମରେ ଏହାର ଫଲୋଅରସ ସଂଖ୍ୟା ବିଜେପିଠୁ ବି ଅଧିକ ହୋଇ ଯାଇଥିଲା ।

## କାହିଁକି ଜେନ୍-ଜି ପାଲଟୁଛନ୍ତି ବିଦ୍ରୋହୀ

୧୯୯୭ରୁ ୨୦୧୨ରେ ଜନ୍ମିତ ପିଲାମାନଙ୍କୁ ଜେନ୍-ଜି ବୋଲି କୁହାଯାଉଛି । ୧୯୯୭ରେ ଜନ୍ମିତ ପିଲାଟେ ୨୦୧୪ ବେଳକୁ ଜାଣିବା ଶୁଣିବାର ହୋଇ ଯାଇଥିଲା । ସେହି ସମୟରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦେଖିଦେଖି ଆସୁଛି । ଭାରତ ବର୍ଷର ପ୍ରଗତି, ମୋଦିଙ୍କ ଭିଜନ୍ ନୂଆ ନୂଆ ତାକୁ ଭଲ ଲାଗୁଥିଲା । ଦେଶ ବଦଳୁଛି ବୋଲି ଭାବନାଟେ ହୋଇଥିଲା । ମୋଦିଙ୍କ ଅନେକ ଯୋଜନା ବେଶ୍ ଆକର୍ଷଣୀୟ ଥିଲା । ବିଶେଷକରି ଯୁବ ଉଦ୍ୟୋଗୀ ପାଇଁ ମୁଦ୍ରା ଯୋଜନା ପ୍ରବର୍ତ୍ତିତ ହୋଇଥିଲା । ଯୁବକମାନଙ୍କ ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ ବି ଦିଆଗଲା । କିନ୍ତୁ ଇତିମଧ୍ୟରେ ୧୧ ବର୍ଷ ବିତିଯାଇଥିଲେବି ଏହି ଋଣ ନେଇ କେତେ ସଫଳ ଉଦ୍ୟୋଗୀ ସୃଷ୍ଟି କରିଛନ୍ତି । ସରକାର ୩୯ ଲକ୍ଷ କୋଟି ଟଙ୍କା ଋଣ ପାଇଛନ୍ତି ବୋଲି କହୁଛନ୍ତି । କିନ୍ତୁ ଗାଁ ଗାଁରେ ପିଲାଟେ ଯେତେବେଳେ ଦେଖୁଛି, ସେମିତି ଆଖିଦୃଶିଆ ଉଦ୍ୟୋଗୀ ଦେଖିପାରୁନି । ଦକ୍ଷତା ବିକାଶ କେନ୍ଦ୍ରରେ ପ୍ରଶିକ୍ଷଣ ନେଇଥିବା କେତେ ପିଲାଙ୍କୁ ନିଯୁକ୍ତିର ସୁଯୋଗ ମିଳିଛି ? ଗାଏମୋଟ୍ କହିଲେ ପ୍ରଚାରଠାରୁ ବାସ୍ତବତା ଢ଼େର ଦୂରରେ ରହିଛି । ଭାତ ହାଣ୍ଡିରୁ ଏହା ଗୋଟିଏ ଥିଲା । ଏହା ସରକାରଙ୍କୁ ସ୍ୱୀକାର କରିବାକୁ ପଡ଼ିବ ।

## ମୋଦିଙ୍କ ପ୍ରତି ଯୁବପୀଢ଼ିର ଭାବନା

୨୦୧୪ରେ ମୋଦିଙ୍କୁ ଯୁବପୀଢ଼ି ଯେମିତି ଭାବୁଥିଲା ଏବେ ସେମିତି ଅନୁଭବ କରୁନାହିଁ । ସଚିନ ତେନ୍ଦୁଲକର ଯେମିତି ରନ୍ ମେସିନ୍ ଥିଲା, ମୋଦିଙ୍କୁ ଯୁବପୀଢ଼ି ସେମିତି ଭୋଟ୍ ମେସିନ୍ ଓ ବିଜେପିକୁ ୱାସିଂ ମେସିନ୍ ବୋଲି ଗ୍ରହଣ କରିନେଇଛି । ସରକାର ଗଠନ ହିଁ ବିଜେପି ଓ ମୋଦିଙ୍କ ଏକମାତ୍ର ଧ୍ୟେୟ ହୋଇଯାଇଛି । ଅନ୍ୟ ଦଳକୁ ଭାଙ୍ଗିବା, ଯାହାଙ୍କୁ ଦିନେ ଦୁର୍ନୀତିଗ୍ରସ୍ତ ବୋଲି ବିଜେପି କହୁଥିଲା ତାଙ୍କୁ ନେଇ କୋଳରେ ବସାଇବା ଯୁବବର୍ଗଙ୍କୁ ପ୍ରଭାବିତ କରୁଛି । ସେମାନଙ୍କ ମନରେ ଏକ ନକରାତ୍ମକ ମାନସିକତା ସୃଷ୍ଟି ହୋଇଯାଇଛି । ଇଡ଼ି, ସିବିଆଇ, ଇସିଙ୍କ ବ୍ୟାପକ ଦୁରୁପଯୋଗ ହେଉଥିବା କଥାକୁ ସେ ଗ୍ରହଣ କରି ନେଇଯାଇଛି । କଳେବଳେ କୌଶଳେ ସାରା ଭାରତରେ ଶାସନ କରିବା ହିଁ ବିଜେପି ଓ ମୋଦିଙ୍କ ଉଦ୍ଦେଶ୍ୟ ବୋଲି ସେ ଅନୁମାନ କରିନେଇଛି । ଗୁଜୁରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ମୋଦିଙ୍କୁ ନେଇ ଅନେକ ପ୍ରଚାର ସେ ଶୁଣିଛି । ଏଇ ଯେମିତି ନଦୀ କେନାଲ ଉପରେ ମୋଦିଜୀ ସୋଲାର ଲଗାଇଥିଲେ । ଏହାଦ୍ୱାରା ନଦୀ ଜଳ ବାଷ୍ପୀଭୂତ ହେଉନଥିଲା ଏବଂ ଅପରପକ୍ଷେ ବିଜୁଳି ସଂକଟ ଦୂର ହୋଇପାରୁଥିଲା । କିନ୍ତୁ ୨୦୧୪ରୁ କେତେ ସୋଲାର ଲାଗିଛି, କେତେ ବିଜୁଳି ସଂକଟ ଦୂର ହୋଇଛି । ଭାତ ହାଣ୍ଡିରୁ ଇଏ ବି ଗୋଟିଏ । ତେଣୁ ଯୁବବର୍ଗ ବିଜେପି ଓ ବିଜେପି ସରକାରଙ୍କୁ ପ୍ରଚାର ସର୍ବସ୍ୱ ମାନିନେଇଛି ।

## ମୋଦିଙ୍କ ଭିଜନ୍ ଓ ରୂପାୟନରେ ତାରତମ୍ୟ

ମୋଦିଙ୍କ ସୁନ୍ଦର ଭିଜନ୍ ରହିଛି । ହେଲେ ତାହା ଶୁଣିବାକୁ ଭଲ ଲାଗୁଛି । କିନ୍ତୁ ବାସ୍ତବରେ ତାହା ରୂପାୟନ ହୋଇପାରୁନି । ମୋଦି ସରକାରଙ୍କ ଅନେକ ଭଲ ଭଲ ଯୋଜନାର ବାସ୍ତବ ରୂପାୟନ ଯଦି ହୋଇଥା'ନ୍ତା ତେବେ ଦେଶରେ ଅସରପାଙ୍କ ସଂଖ୍ୟା ବଢ଼ିନଥା'ନ୍ତା । ମୋଦିଙ୍କୁ ବିରୋଧ କରୁଥିବା ବା ସମାଲୋଚନା କରୁଥିବା ବ୍ୟକ୍ତିଙ୍କୁ ଦେଶଦ୍ରୋହୀ ବୋଲି ବିଜେପିର ନେତା ଓ କାର୍ଯ୍ୟକର୍ତ୍ତାମାନେ କହିବା ବି ନକରାତ୍ମକ ପ୍ରଭାବ ପକାଉଛି ।

## ମିଡ଼ିଆର କଣ୍ଠରୋଧ

ଆଜି ଦେଶ ଓ ରାଜ୍ୟର ପ୍ରମୁଖ ଗଣମାଧ୍ୟମ ସରକାରଙ୍କ ବଚସ୍କର ପାଲଟିଯାଇଛି । ଗଣମାଧ୍ୟମ ଏବେ ସରକାରଙ୍କ ମୁଖପାତ୍ର ପାଲଟିଯାଇଛି । ଯିଏ ସମାଲୋଚନା କରୁଛି ସେଭଳି ଗଣମାଧ୍ୟମକୁ ମାର୍କେଟରୁ ହଜାଇ ଦିଆଯାଉଛି । ଯେଉଁଥିପାଇଁ ସାମାଜିକ ଗଣମାଧ୍ୟମରେ ବିପ୍ଳବ ଆରମ୍ଭ ହୋଇଯାଇଛି । ଲୋକମାନେ ଏବେ ନିଜ ମନର କଥା ସୋସିଆଲ ମିଡ଼ିଆରେ କହୁଛନ୍ତି । ଫେସବୁକ୍, ଇନଷ୍ଟା ଖୋଲିଦେଲେ ଲକ୍ଷ ଲକ୍ଷ ସମସ୍ୟା ସମ୍ବଳିତ ଖବର ପ୍ରକାଶ ପାଉଛି । ମୋଦି ଦେଶର ମିଡ଼ିଆକୁ କିଣି ନେଇଛନ୍ତି ବୋଲି ଯୁବପୀଢ଼ି ମନେ କରୁଛନ୍ତି । ଏସବୁକୁ ବିଜେପି ଓ ବିଜେପି ସରକାର ସ୍ୱୀକାର ନକରିବା ପର୍ଯ୍ୟନ୍ତ 'ଅସରପା' ଏମିତି ହିଁ ବଢ଼ିଚାଲିବେ । ଗାଲୁଭୁରୁଡ଼ି ନମାରି ବିଜେପି ଏହାକୁ ଚେତାବନୀ ବୋଲି ଗ୍ରହଣ କରୁ ।

## ଜେନ୍-ଜିକୁ ବିଜେପିର ଭୟ

ଜେନ୍-ଜିକୁ ବିଜେପି ଡରିବା ଆରମ୍ଭ କରିଛି । ନିକଟରେ ଓଡ଼ିଶା ଗସ୍ତରେ ଆସିଥିବା ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ଗୋଟିଏ ଟିପ୍ପଣୀ ବେଶ୍ ପ୍ରଣିଧାନଯୋଗ୍ୟ । ନୀତିନ କାର୍ଯ୍ୟକର୍ତ୍ତାମାନଙ୍କୁ ସମ୍ବୋଧିତ କରିବା ସମୟରେ କହିଥିଲେଯେ, ଜେନ୍-ଜୀ ମନରେ ବିରୋଧୀ ଦଳଗୁଡ଼ିକ ବିଜେପି ପ୍ରତି ଏକ ନକରାତ୍ମକ ଧାରଣା ଭର୍ତ୍ତି କରିଦେଉଛନ୍ତି । ଏହାକୁ ଠିକ୍ ଭାବେ କାଉଣ୍ଟର କରିବାକୁ ସେ ଆହ୍ୱାନ ଦେଇଥିଲେ । ଅତଏବ ବିଜେପିର ଶୀର୍ଷ ନେତୃତ୍ୱବୃନ୍ଦ ନିୟମିତ ଭାବେ ଯେଉଁ ସର୍ଭେ କରୁଛନ୍ତି, ସେଥିରେ ଜେନ-ଜୀ ବିଜେପି ଠାରୁ ଦୂରେଇ ଯାଉଥିବା ଜଣାପଡୁଛି ।



## ସୂର୍ଯ୍ୟକାନ୍ତଙ୍କ ଟିପ୍ପଣୀ

ମେ' ୧୫, ୨୦୨୬ । ସୁପ୍ରିମକୋର୍ଟରେ ନକଲି ଡିଗ୍ରୀ ଓ ନକଲି ଓକିଲଙ୍କୁ ନେଇ ଶୁଣାଣୀ ଚାଲିଥାଏ । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ମାମଲାର ଶୁଣାଣୀ ବେଳେ କହିଥିଲେ, କେତେକ ଯୁବଗୋଷ୍ଠୀ ଅଛନ୍ତି, ଯେଉଁମାନେ ଠିକ୍ ଅସରପା ଭଳିଆ । ଯେଉଁମାନେ କେବେ ଚାକିରୀ ପାଆନ୍ତି ନାହିଁ କିମ୍ବା ପେଶାଦାର ଜୀବନରେ ବି କୌଣସି ସଫଳତା ପାଆନ୍ତି ନାହିଁ । ସେମାନଙ୍କ ଭିତରୁ କିଛି ମିଡିଆରେ, କିଛି ସୋସିଆଲ ମିଡିଆରେ, ତ ଆଉ କିଛି ଆର୍‌ଟିଆଇ ଆକ୍ଟିଭିଷ୍ଟର ପରିଚୟରେ ବ୍ୟବସ୍ଥାକୁ ଆକ୍ରମଣ କରିବା ଆରମ୍ଭ କରିଦିଅନ୍ତି । ଏମାନେ ସାମାଜିକ ବ୍ୟବସ୍ଥାରେ ଥିବା ପାରାସାଇଟ୍ । ପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ନିଜ ବୟାନକୁ ଭୁଲ୍ ଭାବେ ଉପସ୍ଥାପିତ କରାଯାଇଛି ବୋଲି କହିଥିଲେବି ପରିସ୍ଥିତି କିନ୍ତୁ ବଦଳି ଯାଇଥିଲା ।

# ଫେସବୁକିଆଙ୍କ ମତ

**ନିହାର ରଞ୍ଜନ ଗୋଛାୟତ:** କିଛି ରାଷ୍ଟ୍ର ବିରୋଧିମାନେ ବିଦେଶରୁ ପ୍ରଚୁର ପଇସା ପାଇଁ ଭାରତରେ ବିଶୃଙ୍ଖଳା ସୃଷ୍ଟି କରିବା ନିମନ୍ତେ କକ୍ରୋଚ ପାର୍ଟି ନାମରେ ଏକ ଅସଫଳ ପ୍ରୟାସ କରୁଛନ୍ତି । ତେଣୁ ଯୁବକମାନେ ସେହି କକ୍ରୋଚ ଯୁବଗୋଷ୍ଠୀଙ୍କୁ ବିଶ୍ୱାସ କରିବା କଥା ନୁହେଁ । ସେମାନେ ଶ୍ରୀଲଙ୍କା, ନେପାଳ, ବାଂଲାଦେଶ ପରି ଆତଙ୍କ ସୃଷ୍ଟି କରିବାକୁ ଯୋଜନା କରିଛନ୍ତି । ତେଣୁ ସାବଧାନ ରୁହ ଏବଂ ଭାରତକୁ ବଞ୍ଚାଅ, ନିଜକୁ ରକ୍ଷା କର ।

**କୃଷ୍ଣ ସେନାପତି:** ଜେନଜି ମାନେ କଣ କରିପାରନ୍ତି, ତାହା ପଡୋଶୀ ଦେଶରେ ନିକଟରେ ଦେଖିଥିବେ । ଆମ ଦେଶରେ ମଣ୍ଡଳ କମିଶନ ଭଳି ଆନ୍ଦୋଳନ କେତେ ଭୟାଭୟ ହୋଇଥିଲା ତାହା ସମସ୍ତେ ଜାଣିଛନ୍ତି । ସରକାର ଯଦୀ ଠିକଠାକ ଅଛନ୍ତି ତେବେ ଭୟ କଣପାଇଁ?

**ଶରତଚନ୍ଦ୍ର ସାହୁ:** ଏହା ଏକ ସାମୟିକ ଭାବପ୍ରବଣତା । ହୁଏତ ଏହା ବିରୋଧୀ ରାଜନୈତିକ ଦଳମାନଙ୍କୁ କିଛି ସମୟ ପାଇଁ ଫାଇଦା ଦେଇପାରେ, କିନ୍ତୁ ସ୍ଥାୟୀଭାବରେ ନୁହେଁ ।

**ଶୁଭମ୍ ଶାଶ୍ୱତ ପୃଷ୍ଟି:** ମୋ ପୁଅ, ଭାଇ ପୁଅ ଆଉ ମୋ ଜ୍ୱାଇଁ ଦଳର ତଳସ୍ତର ନେତାଠାରୁ ଆରମ୍ଭ କରି ବିଧାୟକ ଓ ସାଂସଦ ପର୍ଯ୍ୟନ୍ତ ସମସ୍ତେ କୁଆଡେ କକ୍ରୋଚ ଜନତା ପାର୍ଟିରେ ଯୋଗଦେବେ । ଯାହାହେଉ, ଏତେଶୀଘ୍ର ସେମାନେ ମାନିଗଲେଯେ, ନିଜ ଦଳର ଆଉ ମାଟିରେ ଛାୟାଟିଏ ବି ରହିନାହିଁ । ଏହା ନିଶ୍ଚୟ ରାଜନୀତିରେ 'ଆତ୍ମଜ୍ଞାନ'ର ନୂଆ ଅଧ୍ୟାୟ । ଆଉ ଶୁଣିବାକୁ ମିଳୁଛି, ଏହି ପାର୍ଟିର ଆକାଉଣ୍ଟ ଖୋଲିଥିବା ମହାଶୟ ଜଣକ 'ଜର୍ମାନ୍ କୁକୁର' ଥିଓରୀର ସବୁଠୁ ବଡ଼ ଭକ୍ତ । ଏହାସହିତ ଆମ ଆଦମୀ ପାର୍ଟିର ମନୀଷ ସିସୋଦିଆଙ୍କ ପୂର୍ବ ଗଣମାଧ୍ୟମ ପରାମର୍ଶଦାତା! ଅର୍ଥାତ୍ ଏବେ ରାଜନୀତି ଠାରୁ ଅଧିକ 'ସୋସିଆଲ ମିଡିଆ ସ୍କ୍ରିପ୍ଟ ରାଇଟିଂ' ରେ ଦଳ ଚାଲୁଛି ବୋଧେ ? ଏହି ପାର୍ଟିର ବିଶେଷତା ହେଉଛି, ଯେଉଁଠି ଅନ୍ଧାର ଦେଖିବେ, ସେଠି ରହିବେ । ଜନତା ପଚାରିଲେ ଲୁଚିଯିବେ, ନିର୍ବାଚନ ଆସିଲେ ପୁଣି ବାହାରିବେ । ଯେଉଁଠି ଲାଭ ସେଠି ସ୍ଥାୟୀ ଠିକଣା ।



**ବିନୋଦ ପାଣି:** ଗଣତନ୍ତ୍ରର ସୁରକ୍ଷା ପାଇଁ ସିଜେପିକୁ ସମର୍ଥନ କରିବା ଦରକାର ।

**ଜୟଦେବ ଲେଙ୍କା:** ଯେଉଁ ଅସରପାକୁ ଛାତ୍ରଛାତ୍ରୀ ଘୃଣା ଓ ଡର ଭାବେ ଗ୍ରହଣ କରିନେଇଥିଲେ, ସେମାନେ ଆଜି ନିଜକୁ ଅସରପା କହୁଛନ୍ତି । ଏହି ପରିସ୍ଥିତି ପାଇଁ ବ୍ୟବସ୍ଥା ଦାୟୀ । ସରକାର ଆଇନଶୃଙ୍ଖଳା ସ୍ଥିତିର ମୁକାବିଲା କରିପାରୁନାହାନ୍ତି । କୌଣସି ପରିସ୍ଥିତି ସୃଷ୍ଟି ହେଲେ ଦାୟିତ୍ୱହୀନ ମନ୍ତବ୍ୟ ନଦେଇ ରାଜଧର୍ମ ଏବଂ ସାମ୍ବିଧାନିକ ମନ୍ତବ୍ୟ ଦେବା ଆବଶ୍ୟକ । ଯେବେ ଯେବେ ଆନ୍ଦୋଳନ ହେଉଛି ସେତେବେଳେ ସରକାର ବିଦେଶୀ ଷଡଯନ୍ତ୍ର ଓ ଦେଶଦ୍ରୋହୀର ଆଖ୍ୟା ଦେଇଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ ସେମାନେ ପ୍ରମାଣ କରେଇ ପାରିନାହାନ୍ତି । ଆଶା କରୁଛି ଗର୍ବିତ ଓଡ଼ିଆ ଆଜି ଯୁବ ସମାଜର ଲଜ୍ୟା ଭଙ୍ଗ କରି ସମାଜର ଆଇନା ହେବ ।

**ଏମଡ଼ି ଫକ୍ରେ ଆଲାମ:** ସିଜେପି ଆନ୍ଦୋଳନକୁ ବିଜେପି କଳବଳେ କୌଶଳେ ବନ୍ଦ କରିଦେବ ।

**ଆଶିଷ କୁମାର:** ସାମାନ୍ୟ ଅସରପାକୁ ଡରିଗଲା ଅପାରଗ ସରକାର । ୫୬ ଇଞ୍ଚ + ୧୪ ବର୍ଷ ଦେଶରେ ଶାସନ + ୨୧ ରାଜ୍ୟରେ ଶାସନ + ବିଶ୍ୱର ବଡ ଦଳ + ୧୦୦ ନିୟୁତ ଫଲୋଅର ସବୁ ମାତ୍ର ୫ ଦିନର ଅସରପାକୁ ଡରିଗଲେ । ଯାହାର କୌଣସି ପଞ୍ଜୀକରଣ ହୋଇନି କି ଏମଏଲଏ ଓ ଏମପି କେହିନାହିଁକି ନିର୍ବାଚନ ଲଢ଼ିନି । ସରକାର୍‌କୁ ଏଭଳି ଭୟ ରହିବା ଦରକାର ।

**ସନ୍ଦୀପ ରାଉତ:** ଅତ୍ୟାଚାରୀ ଶାସନକୁ ଶେଷ କରିବାକୁ ଭଗବାନ ଯୁଗେଯୁଗେ ଅବତାର ଗ୍ରହଣ କରନ୍ତି । ଦିନେ ଭଗବାନ କଚ୍ଛପ, ମୀନ ରୂପ ଧାରଣ କରିଥିଲେ । ଏହାବି ସେମିତି ଏକ ଅବତାର ।

**ଦେବେନ୍ଦ୍ର ସାହୁ:** ଆଉ କିଛିଦିନ ଅପେକ୍ଷା । ଦ୍ୱିତୀୟ ନେପାଳ ହେବାକୁ ଯାଉଛି ଆମ ଭାରତ । ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଗୋଟିଏ ମନ୍ତବ୍ୟ ଆଜି ଦେଶରେ ଆଲୋଡ଼ନ ସୃଷ୍ଟିକରିଛି । କେହିକେବେ ଭାବିଥିଲେକି ଗୋଟିଏ ମେମେ ମୁଭମେଣ୍ଟ ଦେଶର ରାଜନୀତିକୁ ଦୋହଲାଇଦେବ ? ବିନା ରାଲି, ବିନା ଆନ୍ଦୋଳନରେ ଦେଶର ଇତିହାସରେ ଏକ ନୂଆ ଅଭିଯାନର ଜନ୍ମ ହୋଇଛି ।

**ଅଭିମାନ ଅଞ୍ଚଳ:** କକ୍ରୋଚ ପାର୍ଟି ଦେଶଦ୍ରୋହୀ ପାର୍ଟି । ସେମାନେ ଭାରତର ଗଣତନ୍ତ୍ରକୁ ଚୁରମାର କରିଦେବେ । ସେମାନଙ୍କ ପାଖରେ ସମାଧାନ ବା ଆଦର୍ଶ ନାହିଁ, କେବଳ ଆତଙ୍କ ଛଡ଼ା କିଛି ନାହିଁ । ଜେନ୍-ଜି ନାମରେ ଗୁଣ୍ଡାଗିରି କରିବେ, ଯୁବଗୋଷ୍ଠୀଙ୍କୁ ମୂଳ ଲକ୍ଷ୍ୟରୁ ବିଚ୍ୟୁତ କରିବେ ।

**ରତ୍ନାକର ଦଳବେହେରା:** ଅସରପା ବାହାରେ ଥିଲା ଠିକ୍ ଥିଲା । ଏବେ ସେ ଦେଶର ନେତାଙ୍କ କୋଳରେ ବସା ବାନ୍ଧିଲାଣି । ଆଜିକାଲି ଯିଏ ଠିକ୍ କହିଲା, ତାକୁ ଦେଶ ବିରୋଧୀ ବୋଲି କୁହାଯାଉଛି ।

**ରାହୁଲ ଦାସ:** ଭାରତର ବେକାରୀ ଯୁବଙ୍କୁ କକ୍ରୋଚ ଭାବେ ସମ୍ବୋଧନ କରାଯାଉଛି । ଭାରତୀୟ ଯୁବକମାନେ ଏତେ ଶସ୍ତା କି ?

**ତନ୍ମୟ ସାହୁ:** ଦେଶର ବିଧିବ୍ୟବସ୍ଥା ବିରୋଧରେ ହେଉଥିବା ଷଡ଼ଯନ୍ତ୍ରକୁ ମୋ ଦେଶର ଯୁବପୀଢ଼ିକୁ କେବେବି ସମର୍ଥନ କରିବେ ନାହିଁ । ଆମ ପାଇଁ ନେସନ ଫାଷ୍ଟ ।



## ଅଭିଜିତଙ୍କ ଅସରପା



ଆମେରିକାର ବୋଷ୍ଟନ୍ ୟୁନିଭରସିଟିରେ ପବ୍ଲିକ୍ ରିଲେସନ୍‌ରେ ପି.ଜି ପାସ କରିଥିବା ମହାରାଷ୍ଟ୍ରର ଅଭିଜିତ୍ ଦୀପ୍‌କେ । ବୟସ ୩୦ ବର୍ଷ ଜଣେ ଜେନ୍ -ଜି ହେଉଛନ୍ତି ଏହି ସିଜେପି ସୁନାମୀର ମୁଖ୍ୟ ସୂତ୍ରଧର । ବ୍ୟଙ୍ଗାତ୍ମକ ବିରୋଧ ପାଇଁ ସେ ସିଜେପି ଆରମ୍ଭ କରିଥିଲେ । କିନ୍ତୁ ଏତେ ଅଳ୍ପ ଦିନରେ ଏତେ ପରିମାଣରେ ଜେନ୍-ଜିଙ୍କ ସମର୍ଥନ ମିଳିବ ଏକଥା ସେ ବି ଆଶା କରିନଥିଲେ । ଆଇ ଆମ ଏ କକ୍ରୋଚ ହ୍ୟାସଟ୍ୟାଗ୍ ଟ୍ରେଣ୍ଡିଂ କରିଚାଲିଛି । ଯୁବବର୍ଗମାନେ ସ୍ୱତଃ ଏହି ଅଭିଯାନରେ ସାମିଲ୍ ହୋଇଯାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଦୀପ୍‌କେଙ୍କ ଦଳକୁ ରାଜନେତା, ଧ୍ରୁବ୍ ରାଠିଙ୍କ ଭଳି ସୋସିଆଲ ଇନ୍‌ଫ୍ଲୁ୍ୟଏନ୍ସର, କଳାକାର ଓ ଫଲୋଅର୍ସଙ୍କ ସମର୍ଥନ ମିଳୁଛି । ତେବେ ଏଠି ପ୍ରଶ୍ନ ହେଉଛି ଏହି ଅଭିଯାନ ଜରିଆରେ ଜେନ୍-ଜି ସରକାରଙ୍କୁ ବା ବିଜେପିକୁ ଚ୍ୟାଲେଞ୍ଜ ଦେଇଛନ୍ତି ତାର ପ୍ରକୃତ ଅର୍ଥ ବୁଝିବା ଦରକାର ଯେ, ଭରୀତୟ ଯୁବଗୋଷ୍ଠୀ ସରକାରଙ୍କ ଉପରେ ଅତ୍ୟନ୍ତ କ୍ରୋଧିତ ଅଛି ଏକଥା ଅତି ସ୍ପଷ୍ଟ । ସାମାଜିକ ଗଣମାଧ୍ୟମ ଖାଲି ଆଉ ମଉଜମସ୍ତି ପାଇଁ ନୁହେଁ ଏହା ଏବେ ଭୋଟରଙ୍କ ମୁଡ୍ ବଦଳାଇ ଦେବାର କ୍ଷମତା ରଖିଛି । ନିର୍ବାଚନୀ ହାୱାକୁ ବି ବଦଳାଇ ଦେଉଛି ଯାହାର ସଦ୍ୟତମ ଉଦାହରଣ ତାମିଲନାଡୁରେ ଆମେ ଦେଖିସାରିଛୁ । ଯଦିଓ ଗରମ ପାଣିରେ କେବେ ଘର ପୋଡିଯାଏନି, ସୋସିଆଲ ମେଡିଆରେ ଆରମ୍ଭ ହୋଇଥିବା ଏହି ମୁଭ୍‌ମେଣ୍ଟ କେନ୍ଦ୍ରରେ ତୁରନ୍ତ ସରକାର ବଦଳାଇ ପାରିବନି କିନ୍ତୁ ଅସନ୍ତୋଷର ଯେଉଁ ନିଆଁ ଝୁଲ ଉଠିଛି ସେଇ ଝାସରେ ସରକାର କେତେ ସିଝୁଛି ଦେଖିବାକୁ ବାକି । ଏହି ମୁଭମେଣ୍ଟ ୨୦୧୨ରେ ଆନ୍ନା ହଜାରେଙ୍କ କରପ୍‌ସନ୍ ଫ୍ରି ଇଣ୍ଡିଆର ମୁଭମେଣ୍ଟ କଥା ମନେପକାଇ ଦେଉଛି । ଦେଖାଯାଉ ଆଗକୁ କ'ଣ ହେଉଛି ।

ଗର୍ବିତ ଓଡ଼ିଆ

# ମହିଳା ଭୋଟ୍ ବ୍ୟାଙ୍କ କାହାର ?

## ବିଜେପିର 'ସୁଭଦ୍ରା' ବନାମ ବିଜେଡ଼ିର 'ନାରୀ ଅଧିକାର ଅଭିଯାନ'

**ଚିତ୍ତରଞ୍ଜନ ମହାନ୍ତି, କଟକ**

ଓଡ଼ିଶା ରାଜନୀତିରେ ଆଗରୁ ମହିଳା ଭୋଟ୍ ବ୍ୟାଙ୍କ ଉପରେ ଦଳ ବା ସରକାର ସେତେଟା ଗୁରୁତ୍ୱ ଦେଉନଥିଲେ। ତା'ର ଅନେକ କାରଣ ରହିଛି। ଓଡ଼ିଶା ଏକ ପୁରୁଷକୈନ୍ଦ୍ରିକ ସମାଜ। ତେଣୁ ପୁରୁଷ ଲୋକଟିକୁ ମନେଇଦେଲେ ପୂରା ପରିବାର ଦଳ ବା ନେତାର ହୋଇଯାଉଥିଲା। କିନ୍ତୁ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଏହି ଟ୍ରେଣ୍ଡକୁ ବଦଳାଇଦେଲେ। ମହିଳାମାନଙ୍କ ପାଇଁ କେବଳ ନୂଆ ଯୋଜନା ଘୋଷଣା କଲେନି, ବରଂ ମହିଳା ନେତୃତ୍ୱ ଉପରେ ଫୋକସ କଲେ। ଏସଏଚଜି ଗ୍ରୁପରେ ୭୦ ଲକ୍ଷ ମହିଳାଙ୍କୁ ସାମିଲ୍ କରିବା ସହ ସେମାନଙ୍କୁ ରାଜନୈତିକ ଦୃଷ୍ଟିକୋଣରୁ ସଶକ୍ତ କରିବାର ପ୍ରୟାସ କରିଥିଲେ। ନବୀନଙ୍କ ଯୋଜନା ଯୋଗୁଁ ମହିଳାମାନେ ଆର୍ଥିକ ବା ଉଦ୍ୟୋଗ ଦୃଷ୍ଟିରୁ ସେତେଟା ସଶକ୍ତ ହୋଇନଥିଲେବି ରାଜନୈତିକ ଦୃଷ୍ଟିକୋଣରୁ ସେମାନେ ସଶକ୍ତ ହୋଇଥିଲେ। ବିଶେଷକରି ପଞ୍ଚାୟତ ଓ ପୌରରେ ୫୦% ମହିଳାଙ୍କୁ ସଂରକ୍ଷଣ ଦେବାରୁ ମହିଳା ନେତ୍ରୀମାନେ ଘର କୋଣରୁ ବାହାରି ପଦାକୁ ଆସିଥିଲେ। ଏହି ମହିଳା ଭୋଟ୍ ବ୍ୟାଙ୍କ ହିଁ ନବୀନଙ୍କୁ ଓ ବିଜେଡ଼ିକୁ ବେଶ୍ ମଜବୁତ୍ କରିଥିଲା।

୨୦୨୪ ନିର୍ବାଚନରେ କିନ୍ତୁ ନବୀନଙ୍କ ଏହି ରଣନୀତି କାମ କରିନଥିଲା। ମହିଳା ନେତୃତ୍ୱକୁ ନେଇ ତୃଣମୂଳସ୍ତରରେ କନ୍ଦଳ ଓ ଦଳର ଆଭ୍ୟନ୍ତରୀଣ ବିବାଦ ଯୋଗୁଁ, ନବୀନ କ୍ଷମତାର ଛକା ମାରିବାକୁ ଯାଉଥିବାବେଳେ ବିଜେପି ହାତରେ ବାଉଣ୍ଡରୀ ନିକଟରେ କ୍ୟାଚ୍ ଆଉଟ୍ ହୋଇଗଲେ। ଏବେ ଆସିବା ମୂଳ ପ୍ରସଙ୍ଗକୁ। ୨୦୨୪ ନିର୍ବାଚନରେ ମହିଳାଙ୍କ ଭୋଟ୍ ହାର ଅଧିକ ଥିଲେବି ସେମାନେ ବିଜେଡ଼ିକୁ ପୂର୍ବାପେକ୍ଷା କମ୍ ପସନ୍ଦ କରିଥିଲେ। ବିଜେଡ଼ିକୁ ଭୋଟ୍ ଦେଉଥିବା ପ୍ରାୟ ୧୦/୧୨ ପ୍ରତିଶତ ମହିଳା ବିଜେପି ସପକ୍ଷରେ ମତଦାନ କରିଥିଲେ। ସେହିପରି ଯୁବପୀଢ଼ି ଏକାଦିକ୍ରମେ ଶାସନ କରୁଥିବା ବିଜେଡ଼ିକୁ ହଟାଇବାକୁ ମାନସିକସ୍ତରରେ ପ୍ରସ୍ତୁତ ଥିବାରୁ ସେମାନେ ପ୍ରାର୍ଥୀ ନୁହେଁ ବରଂ ଦଳ ଦେଖି ମତଦାନ କରିଥିଲେ। ଏତଦବ୍ୟତୀତ ସଂଗଠନ ଅପେକ୍ଷା ବିଜୁ ଜନତା ଦଳ ପ୍ରାର୍ଥୀ ଚୟନ ବେଳେ ଆନୁଗତ୍ୟକୁ ବେଶୀ ଗୁରୁତ୍ୱ ଦେବାରୁ ତାହାର ଫଳ ଦଳ ପାଇଥିଲା କହିଲେ ଭୁଲ୍ ହେବନାହିଁ।




## କେମିତି ଭାଙ୍ଗିଲା ବିଜେଡ଼ିର ମହିଳା ଭୋଟ୍ ବ୍ୟାଙ୍କ

**ଉଜ୍ଜ୍ୱଳା ଯୋଜନା ଓ ଧର୍ମେନ୍ଦ୍ର ପ୍ରଧାନ**






ବିଜେଡ଼ିର ମହିଳା ଭୋଟରଙ୍କୁ କାଉଣ୍ଟର କରିବାକୁ ବିଜେପି ରଣନୀତି ଆରମ୍ଭ କରିଦେଇଥିଲା। ଯେପର୍ଯ୍ୟନ୍ତ ମହିଳା ଭୋଟରଙ୍କୁ ଦଳ ନିଜ ସପକ୍ଷରେ ଆଣିପାରିନାହିଁ, ସେପର୍ଯ୍ୟନ୍ତ ଦଳ ଓଡ଼ିଶାରେ ସରକାର କରିପାରିବ ନାହିଁ ବୋଲି ବିଜେପି ଜାଣିଥିଲା। ଧର୍ମେନ୍ଦ୍ର ପ୍ରଧାନ ମୋଦିଙ୍କ ପ୍ରଥମ ପାଳି ସରକାର ସମୟରେ ପେଟ୍ରୋଲିୟମ୍ ମନ୍ତ୍ରୀ ହୋଇଥିଲେ। ସେହି ସମୟରେ ମୋଦି ସରକାର ଉଜ୍ଜ୍ୱଳା ଯୋଜନାରେ ଗରିବଙ୍କୁ ମାଗଣାରେ ଗ୍ୟାସ୍ ବିତରଣ କରିଥିଲେ। ଆଗରୁ ଗ୍ୟାସ କେବଳ ସହରର କିଚେନ୍‌ରେ ରହୁଥିଲା। କିନ୍ତୁ ମୋଦି-ଧର୍ମେନ୍ଦ୍ରଙ୍କ ପ୍ରୟାସରେ ଏହା ଓଡ଼ିଶାର ଘରେଘରେ ପହଁଚିଗଲା। ଉଜ୍ଜ୍ୱଳା ଦିଦି ନାମରେ ମହିଳାଙ୍କୁ ନିଯୁକ୍ତି ଦିଆଗଲା। ତେଣୁ ବିଜେପି ସପକ୍ଷରେ ମହିଳା ଭୋଟର ଢଳିବା ଆରମ୍ଭ କରିଥିଲେ। ଏହାଛଡ଼ା ମୋଦିଙ୍କ କେତେକ ମହିଳାକୈନ୍ଦ୍ରିକ ଯୋଜନା ବି ବିଜେପି ସପକ୍ଷରେ ମହିଳାଙ୍କୁ ଆକର୍ଷିତ କରିଥିଲା।

### ଏସଏଚଜି ଋଣ ଟଙ୍କା ଲୁଟ୍

ବିଜେଡ଼ି ଏସଏଚଜି ଗ୍ରୁପ୍ ଜରିଆରେ ମହିଳା ଭୋଟରଙ୍କୁ ଆକର୍ଷିତ କରିଥିଲା। ବିଶେଷକରି ଗାଁ ଗାଁରେ ଏସଏଚଜି ଗ୍ରୁପକୁ ସରକାର ଟଙ୍କା ଦେଇଥିଲେ। ସେହି ଟଙ୍କାରେ ସେମାନେ ଉଦ୍ୟୋଗ ନକଲେବି ସୁଧ ବେପାର ଆରମ୍ଭ କରିଦେଇଥିଲେ। ବିନା ପରିଶ୍ରମରେ ମାସକୁ ମାସ କିଛିକିଛି ରୋଜଗାର ହୋଇପାରିଲା। ତେବେ ଏହି ଏସଏଚଜି ଆଳରେ କିଛି ମହିଳା ନେତ୍ରୀ ଦବଦବା ଜାହିର କଲେ। ବିଧାୟକମାନଙ୍କ ନିକଟତର ହୋଇ ସେମାନେ ଗାଁରେ ରାଜନୀତି ଆରମ୍ଭ କରିଦେଲେ। ଏସଏଚଜି ଋଣ କରିବା ଆଳରେ କେବେ ଚାନ୍ଦା ନେଲେ ତ ଆଉ କେବେ ଏସଏଚଜି ଋଣ ଟଙ୍କାକୁ ବ୍ୟାଙ୍କରୁ ଉଠାଇ ନିଜର ମନମାନି କଲେ। ଅନେକ ସ୍ଥାନରେ ଏନେଇ ପ୍ରତିବାଦ ବି ହେଲା। କିନ୍ତୁ ସେହି ନେତ୍ରୀମାନଙ୍କୁ ରାଜନୀତିକ ସୁରକ୍ଷା ମିଳିବାରୁ ଫିଙ୍ଗିକି ଯାଇ କିଛି ମହିଳାମାନେ ବିଜେଡ଼ି ବିରୋଧୀ ହୋଇଗଲେ। ବିଶେଷକରି ସ୍ଥାନୀୟ ମହିଳା ନେତ୍ରୀ ଓ ପଞ୍ଚାୟତ ସ୍ତରର ନେତାଙ୍କ ପାଇଁ ନବୀନଙ୍କ ଅଜାଣତରେ ମହିଳା ଭୋଟରମାନେ ବିଜେଡ଼ି ଆଡୁ ମୁହଁ ଫେରାଇନେଲେ।

# ବିଜେପିର ସୁଭଦ୍ରା ଯୋଜନା




ଅନେକ ରାଜନୀତିକ ସମୀକ୍ଷକ କୁହନ୍ତି, ସୁଭଦ୍ରା ଯୋଜନା ବିଜେଡ଼ି ହାରିବାର ଏକ ମୁଖ୍ୟ ଫ୍ୟାକ୍ଟର। କିନ୍ତୁ ସେମାନେ ଗାଁ ଗହଳିର ରାଜନୀତିକ ପଲସ ମାପିବାରେ ବୋଧେ ବିଫଳ ହୋଇଛନ୍ତି। ବିଜେପିର ନିର୍ବାଚନୀ ଇସ୍ତାହାର ଦଳର ଭୋଟ୍ ବଢ଼ାଇବାରେ ସାମାନ୍ୟତମ ଯୋଗଦାନ ହିଁ ରଖିଛି। ଯଦି ଇସ୍ତାହାର ଭୋଟ୍ ବଢ଼ାଇଥାଆନ୍ତା ତେବେ ବିଜେଡ଼ି ଅଧିକ ଭୋଟ୍ ପାଇପାରିନଥା'ନ୍ତା। ସୁଭଦ୍ରା ଯୋଜନା ନେଇ ନିର୍ବାଚନ ବେଳେ ମହିଳାମାନେ ସେତେଟା ଉତ୍ସାହିତ ନଥିଲେ। କିନ୍ତୁ ବିଜେଡ଼ି ବିରୋଧରେ ରୋଷ ଥିଲା। ଯେହେତୁ ବିଜେଡ଼ିକୁ ହରାଇବାକୁ ହେଲେ ବିଜେପି ହିଁ ବିକଳ୍ପ, ସେଥିପାଇଁ ବିଜେପି ଭୋଟ୍ ହାତେଇନେବାରେ ସକ୍ଷମ ହୋଇଥିଲା। ଏବେବି ସୁଭଦ୍ରା ଯୋଜନାରେ ମହିଳାମାନେ ଟଙ୍କା ପାଇଥିଲେବି ତାହା ବିଜେପିକୁ ଶକ୍ତିଶାଳୀ କରିପାରିନାହିଁ। ତାହାର କାରଣ ହେଉଛି, ଅନଲାଇନ୍ ଜରିଆରେ ସବୁ ମହିଳାଙ୍କୁ ଟଙ୍କା ମିଳିଲା। ବିଜେଡ଼ି, ବିଜେପି ଓ କଂଗ୍ରେସ ସମସ୍ତେ ପାଇଲେ। ଅର୍ଥ ଅଭାବରୁ ମୋହନ ସରକାର ଦୁଇ କିସ୍ତିରେ ୫୦ ହଜାର ବଦଳରେ ୧୦ କିସ୍ତିରେ ୫୦ ହଜାର ଟଙ୍କା ଦେବାକୁ ଘୋଷଣା କରିଥିଲେ। ସେହିପରି ୬୦ରୁ ଉର୍ଦ୍ଧ୍ୱ ବୟସର ମହିଳାଙ୍କୁ ମିଳୁନଥିବାରୁ ସେମାନଙ୍କ ମନରେ ଅସନ୍ତୋଷ ସୃଷ୍ଟିହୋଇଛି ବୋଲି କୁହାଯାଇପାରିବ। କିସ୍ତିୱାରୀ ମାତ୍ର ୫ ହଜାର ଟଙ୍କା ମିଳିବାରୁ ସରକାରଙ୍କ ଉଦ୍ଦେଶ୍ୟ ସାଧିତ ହୋଇପାରିନାହିଁ। ୫ ହଜାର ଟଙ୍କାରେ ଉଦ୍ୟୋଗୀ ସୃଷ୍ଟି ଓ ଲକ୍ଷପତି ଦିଦିକୁ ନେଇ ବ୍ୟାପକ ପ୍ରଚାର କରାଯାଉଥିଲେବି ଏହାକୁ କେହି ବିଶ୍ୱାସ କରିପାରୁନାହାନ୍ତି। ସେହିପରି ବିଜେଡ଼ିର ଅଧିକାଂଶ ଯୋଜନା ଦଳୀୟ କର୍ମୀଙ୍କ ଜରିଆରେ ହିଁ ହିତାଧିକାରୀ ପାଉଥିଲେ। ଯେଉଁଥିପାଇଁ ବିଜେଡ଼ି ସହ ଯୋଡ଼ିହେବାକୁ ଅନ୍ୟମାନେ ବାଧ୍ୟ ହେଉଥିଲେ। କିନ୍ତୁ ବିଜେପିର ଯୋଜନାରେ ସୁଫଳ ସମସ୍ତେ ସିଧାସଳଖ ପାଉଛନ୍ତି। ଗାଁର ବିଜେପି କର୍ମୀମାନେ ଦାବି କରିପାରୁନାହାନ୍ତି, ମୋ ଯୋଗୁଁ, ମୋ ଜରିଆରେ ଲୋକମାନେ ଏହି ସୁବିଧା ପାଇଛନ୍ତି। ଫଳରେ ଗାଁରେ ବିଜେପିର ଭୋଟ୍ ବଢ଼ିଛି ସତ ହେଲେ ବିଜେପି ନେତାଙ୍କ ଦବଦବା କିନ୍ତୁ ବଢ଼ିପାରିନାହିଁ। ବିଜେଡ଼ିର ନେତାମାନେ ଯେଭଳି ଗାଁ ରାଜନୀତିକୁ ହାତମୁଠାରେ ରଖିଥିଲେ ସେଭଳି ବିଜେପି କରିପାରୁନାହିଁ।

ODIA WEEKLY • GARVIT ODIA

## ମହିଳାଙ୍କୁ ବାଧିଲା ଭେଦଭାବ

ଗାଁରେ ଅନେକ ସଶକ୍ତ ମହିଳା ନେତ୍ରୀ ସୃଷ୍ଟି ହୋଇଥିଲେବି ସେମାନେ ବିଜେଡ଼ି ନେତା ଓ ବିଧାୟକଙ୍କ ସହ ଭଲ ସମ୍ପର୍କ ରଖିବାରେ ବିଫଳ ହୋଇଥିଲେ। ଟିକେ ଚାଲାକ, ଚତୁର ଓ ଧୂର୍ତ୍ତ ମହିଳାମାନେ ସାଂଗଠନିକସ୍ତରରେ ସେତେଟା ଶକ୍ତିଶାଳୀ ନଥିଲେବି ରାଜନୀତିକ ସୁରକ୍ଷା କାରଣରୁ ଅହଙ୍କାରୀ ହୋଇଗଲେ। ମହିଳାଙ୍କ ଭିତରେ ସାନ ବଡ଼ ଭେଦଭାବ ରହିଥାଏ। ଅନ୍ୟ ଜଣେ ମହିଳା ସବୁବେଳେ ମାମଲତି କଲେ ସେମାନେ ସହିପାରନ୍ତିନି। ଏଥିପାଇଁ ବି କିଛି ମହିଳା ଭୋଟର ସଂଗଠନରୁ ବାହାରି ନୀରବରେ ରହିଲେ ଓ ବିଜେଡ଼ିକୁ ହରାଇବା ପାଇଁ ସଂକଳ୍ପ ନେଇଥିଲେ।

## ସୁଭଦ୍ରା ଶକ୍ତି ମେଳା ଓ ମହିଳା ଜନ ଆକ୍ରୋଶ

ମହିଳା ଭୋଟରଙ୍କ ହାତ ମୁଠାରେ ରଖିବା ପାଇଁ ନବୀନଙ୍କ ଷ୍ଟାଇଲରେ ମୋହନ ସରକାର ଗାଁଠୁ ସହର ଯାଏଁ ମେଳା ଆୟୋଜନ କରୁଛନ୍ତି। ସୁଭଦ୍ରା ଶକ୍ତି ମେଳା ଜରିଆରେ ସେମାନେ ମହିଳାଙ୍କୁ ଯୋଡ଼ିବାର ପ୍ରୟାସ କରୁଛନ୍ତି। କିନ୍ତୁ ତାହା ରାଜନୀତିକ ଦୃଷ୍ଟିରୁ ପ୍ରଭାବଶାଳୀ ହୋଇପାରୁନାହିଁ। ନିକଟରେ ୩୩% ସଂରକ୍ଷଣକୁ ନେଇ ବିଜେପି ପକ୍ଷରୁ ମହିଳା ଜନ ଆକ୍ରୋଶ ରାଲି କରାଗଲା। ବିରୋଧୀଙ୍କୁ ଟାର୍ଗେଟ୍ କରିବା ଉଦ୍ଦେଶ୍ୟରେ ଏଭଳି ରାଲି କରାଯାଇଥିଲେବି ବିରୋଧୀଙ୍କ ଉପରେ କିନ୍ତୁ ଜନ ଆକ୍ରୋଶ ନଥିଲା। ସହରାଞ୍ଚଳରେ ବଡ଼ ରାଲି ହୋଇଥିଲେବି ଗାଁରେ କିନ୍ତୁ ଏହାର ପ୍ରଭାବ ସେତେଟା ନଥିଲା କହିଲେ ଅତ୍ୟୁକ୍ତି ହେବନାହିଁ।

# ବିଜେଡ଼ିର ନାରୀ ଅଧିକାର ଅଭିଯାନ



ମହିଳା ଭୋଟରମାନେ ହିଁ ନବୀନଙ୍କ ଶକ୍ତି ଓ ବିଜେଡ଼ିର ବଳ। ତେଣୁ ମହିଳାଙ୍କୁ ଏକାଠି କରିବାକୁ ବିଜେଡ଼ି ଆରମ୍ଭ କରିଛି ନାରୀ ଅଧିକାର ଅଭିଯାନ। ଭଣ୍ଡାରୀପୋଖରୀ, ଚିତ୍ରକୋଣ୍ଡା, ପାଲଲହଡ଼ା, ରେଙ୍ଗାଲୀ, ସୋନପୁର, ଦଶରଥପୁର, ଯାଜପୁର, ବ୍ରହ୍ମଗିରି, ଦେବଗଡ଼, କୋଟପାଡ଼, ରାୟଗଡ଼ା, ବ୍ରହ୍ମପୁରରୁ ନେଇ ସବୁ ନିର୍ବାଚନମଣ୍ଡଳୀରେ ଦଳ ଏଭଳି ରାଲିର ଆୟୋଜନ କରିଛି। ବିଜେଡ଼ି ସରକାରରେ ନଥିଲେବି ମହିଳାଙ୍କ ସମାଗମ ନିଶ୍ଚିତ ଭାବେ ଶାସକ ଦଳ ପାଇଁ ଆହ୍ୱାନ ସୃଷ୍ଟିକରିଛି। ଅବଶ୍ୟ ବ୍ରାଣ୍ଡେଡ଼ ବିଜେଡ଼ି ମହିଳା ନେତ୍ରୀମାନେ ହିଁ ଏଥିରେ ସାମିଲ୍ ହୋଇଥିଲେ। ସର୍ଭେ ଅନୁଯାୟୀ, ଏବେବି ରାଜ୍ୟର ୩୦% ମହିଳା ଭୋଟର ନୀରବ ରହିଛନ୍ତି। ସେମାନଙ୍କୁ ବିଜେପିର ଶାସନ ଭଲ ଲାଗୁନାହିଁ ଓ ନବୀନ ବାବୁଙ୍କ ବିଜେଡ଼ିର ଭବିଷ୍ୟତ ନେଇ ଦ୍ୱନ୍ଦ୍ୱ ରହିଛି। ଅତଏବ ଯଦି ବିଜେପି ସୁଶାସନ ଦେଲା ସେମାନେ ବିଜେପି ସହ ଯୋଡ଼ି ହୋଇଯିବେ କିମ୍ବା ବିଜେଡ଼ିର ସାଂଗଠନିକ ଶକ୍ତି ବଢ଼ିଲେ ସେମାନେ ବିଜେଡ଼ି ଆଡ଼କୁ ଢଳିବା ସ୍ଥିତିରେ ରହିଛନ୍ତି। ତେଣୁ ଦଳୀୟ କର୍ମୀନଥିବା ବା ଦଳ ବାହାରେ ରହି ଯାଇଥିବା ମହିଳାମାନେ ହିଁ ୨୦୨୯ରେ ଏକ ବଡ଼ ଭୂମିକା ଗ୍ରହଣ କରିବେ।

ଗର୍ବିତ ଓଡ଼ିଆ



# ମାଟି ପାଇଁ ଲଢ଼େଇ କରୁଛି, କରିବି: ଅନୀଲ

**? ପାଠ ପଢ଼ିଛନ୍ତି, ଚାକିରୀ ନକରି ରାଜନୀତିକୁ କାହିଁକି ଆସିଲେ ? କ'ଣ ଲାଭ ହୋଇଛି ?**

ଜୀବନରେ ଲାଭ କ୍ଷତି ମୁଁ ଦେଖେନାହିଁ। ମୁଁ ଭଗବାନ ବିଶ୍ୱାସୀ। ତେଣୁ ମୁଁ ଭାବେ ଯାହା ହେଉଛି ତାହା ବୋଧେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଇଛା। କଲେଜ ପଢ଼ିବା ସମୟରୁ ଛାତ୍ର ରାଜନୀତିରେ ଜଡିତ ହୋଇସାରିଥିଲି। ତେଣୁ ସେହି କାରଣରୁ ସରକାରୀ ଚାକିରି କରି ବ୍ୟବସ୍ଥାର ବୋକଚାବୁହା ହେବା ଅପେକ୍ଷା ବେଶି ଇଛା ହେଲା ସାମ୍ବାଦିକତା କରିବା ପାଇଁ। ବ୍ୟବସ୍ଥାର ତ୍ରୁଟିକୁ ନେଇ ପ୍ରଶ୍ନ କରିବା ପାଇଁ। ଗୋଟେ ମଧ୍ୟବିତ୍ତ ପରିବାରରେ ଯାହା ହୁଏ ତାହା ମୋ ସହିତ ବି ହୋଇଛି। ସ୍ନାତକ ପାସ କରିବା ପରେ ୨ ବର୍ଷ ପାଇଁ କିଛି ଘରୋଇ ସଂସ୍ଥାରେ (କଲିକତା ଏବଂ ଭୁବନେଶ୍ୱରରେ) ଛୋଟମୋଟ ଚାକିରି କରିବା ପରେ ନିଜ ସଞ୍ଚିତ ଅର୍ଥରେ ମୁଁ ସାମ୍ବାଦିକତା ପଢ଼ିଲି। କଲିକତା ବିଶ୍ୱବିଦ୍ୟାଳୟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଉଭୟରେ ନାମ ଲେଖା ପାଇଁ ମୁଁ ଯୋଗ୍ୟ ହୋଇଥିଲି। ପରିସ୍ଥିତି ଏବଂ ଓଡିଶା ମିଡିଆରେ କାମ କରିବାର ଇଚ୍ଛା ଥିବାରୁ ବାଣୀବିହାରରେ ନାଁ ଲେଖାଇଲି। ଉତ୍କଳ ବିଶ୍ୱବିଦ୍ୟାଳୟରେ ପଢ଼ିବା ଦିନରୁ ହିଁ ମୁଁ କାମ ସହ ପାଠ ପଢ଼ା ଏକା ସାଥିରେ କରୁଥିଲି। କିଛି ବର୍ଷ ଗଣମାଧ୍ୟମରେ କାମ କରିବା ପରେ ମୋତେ ରାଜନୀତି କରିବାର ଅବସର ମିଳିଲା।

**? ଆପଣ ରାଜନୀତି କରିବା ବେଳେ ବିଜେଡ଼ି କ୍ଷମତାରେ ଥିଲା, କିନ୍ତୁ ଆପଣ ବିଜେପିକୁ ବାଛିଲେ କାହିଁକି ?**

**ବିଜେପି ହିଁ ଏକମାତ୍ର ବୈଚାରିକ ଆଧାରିତ ରାଜନୈତିକ ସଙ୍ଗଠନ**

ଆଜି ବିଜେଡି କେଉଁଠି ? ରାଜନୀତିରେ କ୍ଷମତାଟା ବଡ କଥା ନୁହେଁ। କ୍ଷମତା ଆସିବ ଚାଲିଯିବ। ବିଚାର ଏବଂ ଦର୍ଶନ ହେଉଛି ରାଜନୀତିର ମୂଳ ଆଧାର। ଆଜିକାଲିର ରାଜନୀତିରେ ଏହାର ଗୁରୁତ୍ୱ ନାହିଁ ବୋଲି ଯଦି ଆପଣ କହିବେ ତାହେଲେ ମୁଁ ଆପଣଙ୍କ ସହିତ ଏକମତ ହେବିନାହିଁ। ମୁଁ ଆରଏସଏସର ବିଚାରରେ ଅନୁପ୍ରାଣୀତ। ତେଣୁ ବିଜେପି ହିଁ ଆମର ଏକମାତ୍ର ବୈଚାରିକ ଆଧାରିତ ରାଜନୈତିକ ସଙ୍ଗଠନ।

**? ବିଜେପି ସରକାରକୁ ଦୁଇବର୍ଷ ପୂରିଗଲାଣି। କିନ୍ତୁ ଦଳ ଓ ସରକାରର କ୍ରେଜ୍ କମିଲା ଭଳି ମନେହେଉଛି। ସୋସିଆଲ ମିଡ଼ିଆରେ ଫେରିଆସ ପାଣ୍ଡିଆନ୍, କୁଆଡ଼େ ଗଲ ନବୀନ ଟ୍ରେଣ୍ଡ କରୁଛି।**

ସେ ସବୁ ପେଡ କ୍ୟାମ୍ପେନ। ସୋସିଆଲ ମିଡିଆରେ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ କିଛି ଲୋକ ଏଭଳି କରୁଛନ୍ତି। ନିର୍ବାଚନ ସରିବା ପରଠାରୁ ଦୁଇ ବର୍ଷ ଭିତରେ ନୂଆପଡା ଉପନିର୍ବାଚନ ହେଉ ବା ବିଭିନ୍ନ ସ୍ଥାନରେ ସ୍ଥାନୀୟ ଜନପ୍ରତିନିଧିମାନଙ୍କର ବିଜେପିରେ ଯୋଗଦେବା ହେଉ ବା ରାଜ୍ୟସଭାରେ କ୍ରସଭୋଟିଂ ହେଉ, ଏସବୁ ହେଉଛି ବିଜେପି ଏବଂ ବିଜେଡି-କଂଗ୍ରେସର ଲୋକପ୍ରିୟତାର ପ୍ରମାଣ। ଏସବୁ ଦେଖି ଆପଣ କୁହନ୍ତୁ କାହାର କ୍ରେଜ ଅଧିକ?

**? ଅନେକ ଯୁବକ ଯେଉଁମାନେ ଦିନେ ସୋସିଆଲ ମିଡ଼ିଆରେ ବିଜେପି ସପକ୍ଷରେ ଓ ବିଜେଡ଼ି ବିପକ୍ଷରେ ମାହୋଲ କରିଥିଲେ ସେମାନେ ଏବେ ସରକାରଙ୍କୁ ସମାଲୋଚନା କରୁଥିବା ଦେଖିବାକୁ ମିଳୁଛି।**

ମୁଁ ସେହି ବିଷୟରେ ଜାଣିନାହିଁ। ଯଦି ଆମ ଦଳର ସମର୍ଥକ କାହା ମନରେ କିଛି କଥାକୁ ନେଇ କଷ୍ଟଥିବ ତାହେଲେ ହୁଏତ କିଏ ଲେଖିଥାଇପାରେ। ଯଦି କିଛି କଥାକୁ ନେଇ ଅସହମତି ଅଛି, ତାହେଲେ ସଠିକ ଫୋରମରେ କଥା ହେବାର ଆବଶ୍ୟକତା ରହିଛି। ଯେହେତୁ ୨୪ ବର୍ଷ ପରେ ଏକ ନୂଆ ସରକାର ଗଠନ ହୋଇଛି, ତେଣୁ ସରକାରଙ୍କ ଉପରେ ଲୋକଙ୍କର ଆଶା ବହୁତ ଅଧିକ ରହିବା ସ୍ୱାଭାବିକ। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ସରକାର ବହୁତ ପ୍ରତିଶ୍ରୁତି ପୂରଣ କରିସାରିଛନ୍ତି।

**'ଫେରିଆସ ପାଣ୍ଡିଆନ୍' ହେଉଛି ପେଡ୍ କ୍ୟାମ୍ପେନ୍**

**? ଗତ କିଛିଦିନ ଧରି ସୋସିଆଲ ମିଡ଼ିଆରେ ମୋ ନେତା ପାଇଁ ମୁଁ ଗର୍ବିତ ଥିମରେ ହଠାତ୍ ଧର୍ମେନ୍ଦ୍ରଙ୍କ ପ୍ରଚାର ହେଉଛି, ଏନେଇ କ'ଣ କହିବେ ?**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋସିଆଲ ମେଡିଆର ନେତା ନୁହନ୍ତି, ସେ ହେଉଛନ୍ତି ଲୋକଙ୍କ ନେତା। ଯାହାଙ୍କୁ ଲୋକେ ଭଲପାଆନ୍ତି। ଆଜିର ଦିନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ରାଜନୈତିକ ସ୍ତରର ପ୍ରଭାବ ସର୍ବଭାରତୀୟ ସ୍ତରରେ ଅଛି। ଓଡିଶାର ରାଜନୈତିକ ଇତିହାସରେ ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକଙ୍କ ପରେ ଯଦି କେଉଁ ଓଡିଆ ନେତାଙ୍କୁ ରାଷ୍ଟ୍ରୀୟସ୍ତରର ପ୍ରଭାବୀ ନେତାଭାବରେ ଗଣତି କରାଯିବ ତାହେଲେ ସେ ହେବେ ଧର୍ମେନ୍ଦ୍ର ପ୍ରଧାନ। ବିକାଶନ୍ମୋଖୀ, ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା, ଖୋଲା ବ୍ୟକ୍ତିତ୍ୱ, କୁଶଳୀ ସଙ୍ଗଠକ, ପରିଶ୍ରମୀ ଏହା ହେଉଛି ତାଙ୍କର ପରିଚୟ।

**ଧର୍ମେନ୍ଦ୍ର ହେଉଛନ୍ତି ଲୋକଙ୍କ ନେତା**

**? ଜଟଣୀରେ ଏବେ ଅନୀଲଙ୍କୁ ବେଶୀ ଦେଖିବାକୁ ମିଳୁଛି, କ'ଣ ୨୦୨୯ରେ ନିର୍ବାଚନ ଲଢ଼ିବାକୁ ଯୋଜନା କରୁଛନ୍ତି କି ?**

ମୁଁ ଆଗରୁ କହିଛି ମୋର ରାଜନୀତି କ୍ଷମତା ପାଇଁ ନୁହେଁ। ଜଟଣୀ ଆମ ଘର। ତେଣୁ ସ୍ୱାଭାବିକ ଭାବରେ ଆମର ଏକ ନିଜସ୍ୱ ଲୋକସର୍ମ୍ପକ ସେ ଅଞ୍ଚଳରେ ଛାତ୍ର ଜୀବନରୁ ଆଜି ପର୍ଯ୍ୟନ୍ତ ରହିଛି। ଜଟଣୀ ଏକ ସଂସ୍କୃତି ସମ୍ପନ୍ନ ସୁନ୍ଦର ଅଞ୍ଚଳ। ଜଟଣୀର ସାଧାରଣ ଲୋକମାନେ ବହୁତ ଭଲ। ନିର୍ବାଚନ କଥା ଭାବିନାହିଁ। ସେ ନିଷ୍ପତ୍ତି ଆମ ଦଳର ଶୀର୍ଷ ନେତୃତ୍ୱଙ୍କର। ମୁଁ କେବଳ ଜଣେ ସାଧାରଣ କାର୍ଯ୍ୟକର୍ତ୍ତା। ଯାହା ନିର୍ଦ୍ଦେଶ ମିଳିବ ଆମେ ତାହାକୁ ପାଳନ କରିବୁ।

**? ଖୋର୍ଦ୍ଧା ବିଜେପି ରାଜନୀତି ଭାରି ଗୋଳିଆ ହୋଇଯାଇଛି।**

ସେମିତି କିଛି ଅସୁବିଧା ଅଛି ବୋଲି ମୋର ମନେ ହେଉନାହିଁ। ସମୟ ଅନୁସାରେ ମଧ୍ୟ ବହୁତ କଥା ମନକୁ ମନ ଠିକ ହୋଇଯାଏ। ଭାରତୀୟ ଜନତା ପାର୍ଟି ଏକ ବିଶାଳ ପରିବାର।

**? ଚର୍ଚ୍ଚା ହେଉଛି ବିଜେପି ସଂଗଠନ ପାଇଁ ସରକାରକୁ ଆସିନି ବରଂ ବିଜେଡ଼ିରେ ଥିବା ଅସନ୍ତୋଷର ଫାଇଦା ନେଇଛି।**

ଦିନେ ଲୋକ କଂଗ୍ରେସ ଉପରେ ରାଗିଥିଲେ ବୋଲି ନବୀନ ବାବୁ ସେତେବେଳେ ନିର୍ବାଚନ ଜିତିଥିଲେ। ସେତେବେଳେ ନବୀନବାବୁଙ୍କର ଓଡିଶାରେ ସଙ୍ଗଠନ କେତେ ଥିଲା। ତେଣୁ ରାଜନୀତିରେ କେତେବେଳେ କଣ ଘଟିବ ତାହା କହିହେବନାହିଁ। ଏବଂ ବିଜେପିର ସଙ୍ଗଠନ ନଥିଲା ବୋଲି ଯେଉଁମାନେ କହୁଛନ୍ତି ସେମାନଙ୍କୁ ଟିକେ ୨୦୧୯ ନିର୍ବାଚନର ଫଳାଫଳ ଦେଖେଇ ଦିଅନ୍ତୁ। ବିଜେପି ଓଡିଶାରେ ୨୦୧୯ ସାଧାରଣ ନିର୍ବାଚନରେ ୩୮% ଭୋଟ ପାଇସାରିଥିଲା। ସଙ୍ଗଠନରେ ସେତେବେଳେ ଯେଉଁ ବୃଦ୍ଧି ହୋଇଥିଲା ତାହା ୨୦୨୪ ନିର୍ବାଚନରେ ସଠିକ ମାହୋଲ ହେବା କାରଣରୁ ଆମର ବିଜୟ ସହଜ ହେଲା। ପଶ୍ଚିମବଙ୍ଗର ଉଦାହରଣ ନିଅନ୍ତୁ। ସେଠାରେ ୨୦୧୬ ମସିହାରେ ବିଜେପି ମାତ୍ର ୩ ଟି ଆସନ ଜିତିଥିଲା। ୨୦୨୧ରେ ଏହା ବଢି ୭୭ ହେଲା, ୨୦୨୬ରେ ଆମର ସରକାର ହେଲା। ଓଡିଶାରେ ମଧ୍ୟ ସମାନ କଥା ଘଟିଛି।

**ମୋହନ ସରକାର ବହୁ କାମ କରିଛନ୍ତି**

**? ମୋହନ ସରକାରଙ୍କର କେଉଁ ସଫଳତାକୁ ନେଇ ଆପଣ ଗର୍ବ ଅନୁଭବ କରନ୍ତି ?**

ମୋ ଦୃଷ୍ଟିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ରତ୍ନଭଣ୍ଡାର ଖୋଲିବା ଏହାର ସୁରକ୍ଷା, ଗଣତିମଣତି ଆରମ୍ଭ କରିବା ସବୁଠାରୁ ଶ୍ରେଷ୍ଠ କାମ। ଇତିହାସରେ ଏହା ଲିପିବଦ୍ଧ ହୋଇରହିବ। କାରଣ ଏଇଟା ଆମ ଆସ୍ଥା ବିଶ୍ୱାସ ସହିତ ଯୋଡି ହୋଇଥିବା ପ୍ରସଙ୍ଗ ଥିଲା। ସେହିଭଳି ସୁଭଦ୍ରା ଯୋଜନା, ଧାନ ସର୍ବନିମ୍ନ ମୂଲ୍ୟକୁ ୩୧୦୦ ଟଙ୍କା ବୃଦ୍ଧି କରିବା, ସେମିକଣ୍ଡକ୍ଟର ଶିଳ୍ପର ସ୍ଥାପନା, କୋଟିଆରେ ସରକାରଙ୍କର ମନ୍ତ୍ରୀମାନେ ପହଁଚିବା, ରାଜସ୍ୱ ଆଇନରେ ସଂସ୍କାର ଆଣି ଏହାକୁ ସରଳ କରିବା ଏମିତି ଅନେକ ଭଲ ନିଷ୍ପତି ମୋହନ ମାଝୀଙ୍କର ସରକାର କରିଛନ୍ତି।



**କକ୍ରୋଚ ପାର୍ଟି ନାଁରେ ଭ୍ରମ ସୃଷ୍ଟି କରାଯାଉଛି**

**? ବିଜେପି କି କି ପଦକ୍ଷେପ ନେଲେ ଭଲ ହେବବୋଲି ଆପଣ ଅନୁଭବ କରୁଛନ୍ତି ?**

ଆମକୁ ଗର୍ଭନାନ୍ସ ଉପରେ ଆଉ ଟିକେ ଅଧିକ ଧ୍ୟାନ ଦେବାକୁ ପଡିବ। ସରକାରୀ ବ୍ୟବସ୍ଥାରେ ଉତ୍ତରଦାୟୀ ବ୍ୟବସ୍ଥାକୁ ଆହୁରି ସଶକ୍ତ କରିବା ପାଇଁ ପଡିବ। ପ୍ରଶାସନିକ ଚାପ ଏବଂ ଶିକୁଳିରୁ ସରକାରୀ ବ୍ୟବସ୍ଥାକୁ ମୁକାଳି ଏହାକୁ ଆହୁରି ସରଳ ଏବଂ ସାଧାରଣ ଭାଗିଦାରୀ ବ୍ୟବସ୍ଥାରେ ପରିବର୍ତ୍ତନ କରିବା ପାଇଁ ପଡିବ। ସମାଜର ବିଭିନ୍ନ କ୍ଷେତ୍ରରେ କାମ କରି ଅଭିଜ୍ଞତା ରଖିଥିବା ଲୋକମାନଙ୍କର ପରାମର୍ଶକୁ କାମରେ ଲଗାଇ କିଭଳି ରାଜ୍ୟର ବିକାଶ ହୋଇପାରିବ ତାହା ଉପରେ ପ୍ରୟାସ କରିବା ପାଇଁ ପଡିବ। ରାଜନୀତି କ୍ଷେତ୍ରରେ ଯୁବକ ଏବଂ ମହିଳାମାନଙ୍କୁ ଆହୁରି ଅଧିକ ପ୍ରାଧାନ୍ୟ ଦେବାକୁ ହେବ।

**ରାଜନୀତିରେ ଯୁବ ଓ ମହିଳାଙ୍କୁ ଅଧିକ ପ୍ରାଧାନ୍ୟ ଦେବା ଦରକାର**

**? ସୋସିଆଲ ମିଡିଆରେ ବିଜେପି ଦୁର୍ବଳ ହୋଇଯାଇଛି ବୋଲି ଆପଣ ଭାବୁଛନ୍ତି କି ?**

ସବୁବେଳେ ନୁହେଁ ବରଂ ବେଳେବେଳେ କିଛି ପ୍ରସଙ୍ଗରେ ସେମିତି ଲାଗେ। ସେହି ପ୍ରସଙ୍ଗ ବା ଘଟଣାରେ ସଠିକ ପଦକ୍ଷେପ ନେଇଗଲେ ଏହି ସମସ୍ୟା ହେବ ନାହିଁ। ତା'ଛଡା ସୋସିଆଲ ମେଡିଆର ଯେଉଁ ଟ୍ରେଣ୍ଡ ରହିଆସିଛି ସେହି ଅନୁସାରେ ନକରାତ୍ମକ ଖବର, ସମାଲୋଚନାମୂଳକ ଖବର, ଅପରାଧିକ କାର୍ଯ୍ୟକଳାପର ଭିଡିଓ ଏସବୁ ବହୁତ ଜଲଦି ଭାଇରାଲ ହୋଇଯାଏ। ତେଣୁ ଏହାର ଲାଭ ବିରୋଧୀ ଦଳମାନେ ନେଇଯାଆନ୍ତି। ଭଲ ଖବର, ସକରାତ୍ମକ ଆଲୋଚନା ଲୋକେ କମ୍ ଦେଖନ୍ତି। ବିଜେପି ଯେହେତୁ ସରକାରରେ ଅଛି ତେଣୁ ଯାହା ଯେଉଁଠି ଘଟିଲା ସବୁ ସରକାରଙ୍କ କାନ୍ଧକୁ ପଳେଇ ଆସେ। ବିଜେପି ସାମାଜିକ ଗଣମାଧ୍ୟମରେ ଦୁର୍ବଳ ହୋଇଛି ବୋଲି ମୁଁ ଭାବୁନାହିଁ। ବରଂ ଏକଥା ମୁଁ ସ୍ୱୀକାର କରିବିଯେ, ସରକାରଙ୍କର ଭଲ ପଦକ୍ଷେପକୁ ଆଉ ଟିକିଏ ପ୍ରଭାବୀ ଢଙ୍ଗରେ ପ୍ରଚାର ପ୍ରସାର ହେବାର ଆବଶ୍ୟକତା ରହିଛି।

**? କକ୍ରୋଚ ଜନତା ପାର୍ଟି ଏବେ ସୋସିଆଲ ମେଡିଆରେ ଟ୍ରେଣ୍ଡିଂ ହେଉଛି। କୁହାଯାଉଛିଯେ, ବିଜେପି ସରକାରଙ୍କ ବିରୋଧରେ ଏହା ହେଉଛି ଯୁବବର୍ଗମାନଙ୍କର ଅସନ୍ତୋଷ। ଦେଶର ଜେନ ଜି ଆଉ ବିଜେପିକୁ ଚାହୁଁନାହାନ୍ତି। ଏନେଇ କଣ ଭାବୁଛନ୍ତି?**

ପ୍ରଥମ କଥା ହେଉଛି କକ୍ରୋଚ ଜନତା ପାର୍ଟିର ସୋସିଆଲ ମେଡିଆ ଆକାଉଣ୍ଟ ହେଉଛି ଏକ ବହୁ ପୁରୁଣା ଆକାଉଣ୍ଟ। ଯାହାର ନାଁ ଏବେ ବଦଳାଯାଇ କକ୍ରୋଚ ଜନତା ପାର୍ଟି କରାଯାଇଛି। ସେହି ଆକାଉଣ୍ଟଟି ଆଗରୁ ଯେଉଁ ଆମ ଆଦମୀ ପାର୍ଟି ପାଇଁ କାମ କରୁଥିଲା ସେହି ଦଳ ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇସାରିଛି। ତେଣୁ ଏବେ ଭ୍ରମ ତିଆରି କରିବା ପାଇଁ ଏକ ଚେଷ୍ଟା ଚାଲିଛି। ତାଛଡା ସୋସିଆଲ ମେଡିଆ ଫଲୋଅରସକୁ ନେଇ ରାଜନୈତିକ ଗ୍ରାଫ ଟାଣିବା କଥାରେ ମୁଁ ଏକମତ ନୁହେଁ। ମୁମ୍ବାଇର ଜଣେ ଜିମ ଟ୍ରେନରଙ୍କର ୟୁଟ୍ୟୁବରେ ୨୫ ଲକ୍ଷ ସବସ୍କ୍ରାଇବରସ ଅଛନ୍ତି। ସେ ଚଳିତଥର ବିଧାନସଭା ନିର୍ବାଚନ ଲଢିଲେ, ମାତ୍ର ୧୫୫ ଖଣ୍ଡ ଭୋଟ ପାଇଲେ। ଅନେକ ବିଗବସ ପ୍ରତିଯୋଗୀମାନଙ୍କର ଫଲୋଅରସ ସଂଖ୍ୟା ଦେଶର ଅନେକ ସାଂସଦ, ସାମ୍ବାଦିକମାନଙ୍କ ଠାରୁ ଅଧିକ ଅଛି। ଏହାର ଅର୍ଥ କଣ ଆମେ ସେହି ବିଗବସ ପ୍ରତିଯୋଗୀମାନଙ୍କୁ ସାଂସଦ କରିଦେବା କି? ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କର ଉକ୍ତିକୁ ନେଇ ତିଆରି ହୋଇଥିବା ମତବାଦରେ ବିଜେପିକୁ କାହିଁକି ଟଣାଯାଉଛି? ବିରୋଧୀ ଦଳମାନେ ଯେଉଁଭଳି ଭାବରେ କକ୍ରୋଚ ଜନତା ପାର୍ଟିର ଫଲୋଅରସକୁ ନେଇ ଖୁସି ହେଉଛନ୍ତି ସେଥିରୁ ଲାଗୁଛି ଯେ ଓଡିଆରେ ଯେଉଁ ଢଗବାଣୀ ଅଛି, ମୋର ସିନା ନିଶ ନାହିଁ କିନ୍ତୁ ଆମ ମାଧିଆ ଭାଇର ନିଶ ଅଛି, ତାହା ଏମାନଙ୍କୁ ଖାପ ଖାଉଛି। ଭାରତରେ ଗଣତନ୍ତ୍ରକୁ ଦୁର୍ବଳ କରିବା ପାଇଁ ଜର୍ଜ ସୋରସ ଭଳି ବ୍ୟକ୍ତିମାନଙ୍କର ଖୋଲା ବୟାନ ଆମେ କେହି ଭୁଲିବା ଉଚିତ୍ ନୁହେଁ।

# ପଞ୍ଜାବରେ 'ଆପ୍'ର ସେମିଫାଇନାଲ୍



ମେ' ୨୬ରେ ପଞ୍ଜାବରେ ପୌର ନିର୍ବାଚନ। ଆମ୍ ଆଦମୀ ପାର୍ଟିର ସରକାର ପାଇଁ ଏହା ପ୍ରଥମ ପରୀକ୍ଷା। ରାଘବ ଚଡ୍ଢା, ହରଭଜନ ସିଂ, ସ୍ୱାତୀ ମାଲିୱାଲ, ସନ୍ଦୀପ ପାଠକ, ଅଶୋକ ମିତ୍ତଲ, ବିକ୍ରମ ସାହାନୀ ଓ ରାଜେନ୍ଦ୍ର ଗୁପ୍ତାଙ୍କ ଭଳି ସାଂସଦମାନେ ଆପ୍‌କୁ ଧୋକ୍କା ଦେବାପରେ ଅରବିନ୍ଦ କେଜ୍ରିୱାଲ୍ ଓ ଭଗବତ ମାନଙ୍କ ପାଇଁ ନିଶ୍ଚିତ ଭାବେ ଏହି ନିର୍ବାଚନ ଆହ୍ୱାନ ସୃଷ୍ଟିକରିବ। ଯଦି ପ୍ରତିକୂଳ ସ୍ଥିତିରେ ବି ଆପ୍ ଭଲ ପ୍ରଦର୍ଶନ କରେ ତେବେ ଦଳର ଭବିଷ୍ୟତର ରାସ୍ତା ଆହୁରି ପ୍ରଶସ୍ତ ହୋଇଯିବ। ଆପର ବିଦ୍ରୋହୀ ସାଂସଦମାନେ ବିଜେପି ସହ ଥିବାବେଳେ ଯଦି ବିଜେପି ଭଲ ପ୍ରଦର୍ଶନ କରେ ତେବେ ଆପର ଭବିଷ୍ୟତ ନେଇ ନିଶ୍ଚିତ ଭାବେ ପ୍ରଶ୍ନବାଚୀ ସୃଷ୍ଟିହେବ।

ପଞ୍ଜାବରେ ୮ ମହାନଗର ନିଗମ, ୭୬ ପୌର ପରିଷଦ, ୨୧ ନଗର ପଞ୍ଚାୟତ ରହିଛି। ୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ ଏହାକୁ ସେମି ଫାଇନାଲ୍ କହିଲେ ଅତ୍ୟୁକ୍ତି ହେବନାହିଁ। ରାଜ୍ୟର ୧୧୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ୯୦ ବିଧାନସଭା ନିର୍ବାଚନମଣ୍ଡଳୀରେ ପୌର ନିର୍ବାଚନ ହେବ। ତେଣୁ ଏହି ଭୋଟରୁ ବିଧାନସଭା କ୍ଷେତ୍ରଗୁଡ଼ିକରେ ଲୋକଙ୍କ ମୁଡ୍ ଓ ରାଜନୀତିକ ସମୀକରଣ ସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳିପାରିବ।

## 'ଆପ୍' ପାଇଁ ଆହ୍ୱାନ

ମୁଖ୍ୟମନ୍ତ୍ରୀ ଭଗବତ ମାନଙ୍କ ପାଇଁ ଏହା ଏକ ଆହ୍ୱାନ ସୃଷ୍ଟିକରିଛି। ୨୦୨୨ ବିଧାନସଭା ନିର୍ବାଚନରେ ଆପ୍ ଏକପାଖିଆ ଭାବେ ବାଜିମାତ୍ କରିଥିଲା। ସାଧାରଣତଃ ଶାସକ ଦଳ ସପକ୍ଷରେ ପୌର ଫଳାଫଳ ଯାଇଥାଏ। ୨୦୨୧ ଫେବୃଆରୀରେ ଅନୁଷ୍ଠିତ ପୌର ନିର୍ବାଚନରେ ସେତେବେଳର ଶାସକ କଂଗ୍ରେସ ୧୦୯ ପୌର ପରିଷଦ ମଧ୍ୟରୁ ୭୭ ପୌର ପରିଷଦ ଦଖଲ କରିଥିଲା। ତେବେ ୨୦୨୨ରେ ଆପ୍ ସରକାରକୁ ଆସିବା ପରେ କଂଗ୍ରେସର ଅନେକ କାଉନସିଲର ଓ କର୍ପୋରେଟର ଆପ୍‌କୁ ଢଳିଥିଲେ।

ଏବେ ସରକାରୀ ବିରୋଧୀ ହାୱା ବହୁଥିବାବେଳେ ଆପ୍‌ରେ ଅନ୍ତର୍ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି। ନିକଟରେ ରାଜ୍ୟସଭା ସାଂସଦମାନେ ବିଜେପି ମୁହାଁ ହୋଇଥିବାବେଳେ ଅନେକ ବିଧାୟକ ତାଙ୍କ ସହ ଯୋଗସୂତ୍ରରେ ରହିଛନ୍ତି ବୋଲି ରାଘବ ଚଡ୍ଢା କହିଥିଲେ। ସେହିପରି ଟିକେଟ ବଣ୍ଟନକୁ ନେଇ ଅନେକ ସ୍ଥାନୀୟ ବିଧାୟକ ଖପ୍ପା ହୋଇଛନ୍ତି। ବଠିନ୍ଦା ମହାନଗର ନିଗମରେ ଟିକେଟକୁ ନେଇ ସ୍ଥାନୀୟ ବିଧାୟକ ଜଗରୂପ ସିଂ ଅସନ୍ତୋଷ ଝାଡ଼ିଥିବାବେଳେ ଆପର ଟ୍ରେଡ୍ ୱିଙ୍ଗ ଅଧ୍ୟକ୍ଷ ତାରସେମ୍ ଗର୍ଗ ଇସ୍ତଫା ଦେଇଛନ୍ତି। କଂଗ୍ରେସରୁ ଆସିଥିବା ନେତାଙ୍କୁ ଟିକେଟ୍ ମିଳିଥିବାବେଳେ ଆପର ପୁରୁଣା ନେତାଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଫିରୋଜପୁର ଜିଲ୍ଲାରେ ସମାନ ଅଭିଯୋଗ ଆସିଛି। ଲୁଧିଆନାରେ ଅନୁଷ୍ଠିତ ବୈଠକରେ ଟିକେଟ୍ ବଣ୍ଟନକୁ ନେଇ କୃଷି ମନ୍ତ୍ରୀ ଗୁରୁମିତ୍ ସିଂ ଖୁଦିଆନଙ୍କ ସହ ମନୀଷ ସିସୋଦିଆଙ୍କର ଉଚ୍ଚବାଚ ହୋଇଥିବା ଜଣାପଡ଼ିଛି।

# ବଢୁଛି କ୍ରୀଷ୍ଣପଦଙ୍କ ଲୋକପ୍ରିୟତା



କେନ୍ଦ୍ରାପଡ଼ାରୁ ଉତ୍କଳ କେଶରୀ ପାହାଡସିଂ

ଛାତ୍ର ଜୀବନରୁ ରାଜନୀତି ପ୍ରତି ଆକୃଷ୍ଟ ଥିବା ମହାକାଳପଡ଼ା ନିର୍ବାଚନମଣ୍ଡଳୀର ବଟୀଘର ପଞ୍ଚାୟତ ସମିତି ସଭ୍ୟ ହେଉଛନ୍ତି କ୍ରୀଷ୍ଣପଦ ମଣ୍ଡଳ। ୨୦୦୭ରେ ଜଣେ ସାଧାରଣ କାର୍ଯ୍ୟକର୍ତ୍ତା ଭାବେ ବିଜେପିରେ ସାମିଲ୍ ହୋଇଥିଲେ। ତେବେ ସାଂଗଠନିକ ଦକ୍ଷତା ଥିବାରୁ ତାଙ୍କୁ ୨୦୧୭ରେ ପଞ୍ଚାୟତ ଯୁବ ମୋର୍ଚ୍ଚା ସଭାପତି ଭାବେ ଦାୟିତ୍ୱ ଦିଆଯାଇଥିଲା। ସେହିବର୍ଷ ପଞ୍ଚାୟତ ନିର୍ବାଚନରେ ମହାକାଳପଡ଼ାର ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ପଲା ଭାରିଥିବା ସତ୍ତ୍ୱେ କ୍ରିଷ୍ଣପଦଙ୍କ ନେତୃତ୍ୱରେ ବଟୀଘର ପଞ୍ଚାୟତରେ ଭାରତୀୟ ଜନତା ପାର୍ଟି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ବିଜୟୀ ହୋଇଥିଲେ। ସେହିପରି ସମିତି ସଭ୍ୟ ଓ ୧୨ ବିଜେପି ସମର୍ଥିତ ୱାର୍ଡ ମେମ୍ବର ମଧ୍ୟ ବାଜିମାତ୍ କରିଥିଲେ। କ୍ରିଷ୍ଣପଦଙ୍କ ବଳିଷ୍ଠ ନେତୃତ୍ୱ କାରଣରୁ ବିଜେପି ଏମିତି ସଫଳ ହୋଇଥିଲା ସେତେବେଳେ ଚର୍ଚ୍ଚା ହୋଇଥିଲା। ୨୦୧୮ରେ ଦଳ ପକ୍ଷରୁ କ୍ରିଷ୍ଣପଦଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାର ଆଇଟି ସେଲ୍ ଆବାହକ ଓ ୨୦୨୧ରେ ଭାରତୀୟ ଜନତା ଯୁବ ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ଦଳ ଦାୟିତ୍ୱ ଦେଇଥିଲା। ସଂଗଠନ ସୁଦୃଢ଼ ଥିବାରୁ ୨୦୨୨ ପଞ୍ଚାୟତ ନିର୍ବାଚନରେ ସେ ବଟୀଘର ପଞ୍ଚାୟତରୁ ସମିତିସଭ୍ୟ ହେବାର ସୌଭାଗ୍ୟ ପାଇଥିଲେ।

କ୍ରୀଷ୍ଣପଦଙ୍କ ଲୋକପ୍ରିୟତା ବଢୁଥିବାରୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ପୁରସ୍କାର ମିଳିପାରେ ବୋଲି ବିଜେପି ଅଳିନ୍ଦରେ ଜୋର୍‌ଦାର ଚର୍ଚ୍ଚା ହେଉଛି। ୨୦୨୪ ସାଧାରଣ ନିର୍ବାଚନରେ ଦଳ ପକ୍ଷରୁ ଯେଉଁ ଶକ୍ତି କେନ୍ଦ୍ରର ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା ସେଠାରେ ବିଜେପି ବିଧାୟକ ପ୍ରାର୍ଥୀଙ୍କୁ ୧୪୬୫ ଖଣ୍ଡ ଭୋଟ୍ ଏବଂ ସାଂସଦ ପ୍ରାର୍ଥୀଙ୍କୁ ୧୬୮୦ ଖଣ୍ଡ ଭୋଟ୍ ଅଧିକ ମିଳିଥିଲା। ଏତଦବ୍ୟତୀତ ୨୩ ନମ୍ବର ଜିଲ୍ଲା ପରିଷଦ ଜୋନ୍ ଅନ୍ତର୍ଗତ ବଟୀଘର, ଖରନାଶି, ରାମନଗର, ପେଟଛାଲା, ବରକନ୍ଧା ଏବଂ ମଙ୍ଗଳପୁର ପଞ୍ଚାୟତମାନଙ୍କରେ କ୍ରୀଷ୍ଣପଦଙ୍କ ଜନ ସମ୍ପର୍କ ବେଶ୍ ଭଲ ଥିବାରୁ ତାଙ୍କୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ଜିଲ୍ଲା ପରିଷଦ ପ୍ରାର୍ଥୀ ଭାବେ ଦଳ ମଇଦାନକୁ ଉତ୍ତୀର୍ଣ୍ଣ କରିପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ୨୦୨୨ରେ ସେହି ଜୋନ୍‌ରେ ପ୍ରାର୍ଥୀ ହୋଇଥିବା ଶଶୀକାନ୍ତ ପରିଡା ରାଜନୀତିରେ ଆଉ ସକ୍ରିୟ ନାହାନ୍ତି। ସେହିପରି ବିଜେପି ଏବେ ଯୁବ ଗୋଷ୍ଠୀଙ୍କୁ ପ୍ରାଧାନ୍ୟ ଦେଉଥିବାରୁ ଦଳ ପକ୍ଷରୁ କ୍ରିଷ୍ଣପଦଙ୍କୁ ୨୩ନଂ ଜୋନ୍ ର ଜିଲ୍ଲା ପରିଷଦ ପ୍ରାର୍ଥୀ କରାଯାଇପାରେ ବୋଲି ବିଶ୍ୱାସ କରାଯାଉଛି। ବିଧାୟକ ଡ଼. ଦୁର୍ଗା ପ୍ରସନ୍ନ ନାୟକଙ୍କ ଗୁଡ୍‌ବୁକ୍‌ରେ ବି ସେ ଅଛନ୍ତି। ଆଗାମୀ ଦିନରେ ଦଳ ତାଙ୍କୁ କେଉଁ ଦାୟିତ୍ୱ ଦେଉଛି ତାହା ସମୟ ହିଁ କହିବ।

## ଆସୁଛି ପଞ୍ଚାୟତ ନିର୍ବାଚନ

# ସତ୍ୟନାରାୟଣଙ୍କ ଉପରେ ନଜର





ବାରକୋଟ ବ୍ଲକ୍‌ର ଜଣେ ଟାଣୁଆ ନେତା ଭାବେ ସତ୍ୟନାରାୟଣ ପାଣିଙ୍କର ଢେର ଖାତିର ରହିଛି । ଗତ ପଞ୍ଚାୟତ ନିର୍ବାଚନରେ କଳା ପଞ୍ଚାୟତରେ ସେ ନିର୍ଦ୍ୱନ୍ଦ୍ୱରେ ସରପଞ୍ଚ ଭାବେ ବାଜିମାତ୍ କରିଥିଲେ । ସେପଟେ ବାରକୋଟ ଜୋନ-୩ରେ ତାଙ୍କ ପତ୍ନୀ ଗୀତାଞ୍ଜଳୀ ପାଣି ବିଜେଡ଼ି ଟିକେଟରେ ବିଜୟୀ ହୋଇଥିଲେ । ଶ୍ରୀ ପାଣି ପୂର୍ବରୁ ବାରକୋଟ ବ୍ଲକ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରହିଥିବାବେଳେ ୨ ଥର ବିଧାନସଭା ନିର୍ବାଚନ ଲଢିବାର ବି ଅଭିଜ୍ଞତା ରହିଛି । ଖାଲି ପଞ୍ଚାୟତ କି ଜିଲ୍ଲା ପରିଷଦ ଜୋନ୍ ନୁହେଁ ବ୍ଲକରେ ବି ତାଙ୍କର ଦବଦବା ଥିବାରୁ ସତ୍ୟନାରାୟଣଙ୍କ ଗୋଟିଚାଳନା ଉପରେ ସମସ୍ତଙ୍କ ନଜର ରହିବା ସ୍ୱାଭାବିକ । ବାରକୋଟ ବ୍ଲକରେ ୨୪ ଗ୍ରାମ ପଞ୍ଚାୟତ ସହିତ ୩ଟି ଜିଲ୍ଲାପରିଷଦ ଜୋନ ରହିଛି । ତେବେ କଳା,ସଇଡା, କାଳିଆପାଳ, ବମପରଡା, ଗୋଳାବନ୍ଧ, ରାଇତାବାହାଳ, ମଧ୍ୟପୁର, ଗୁରୁସଙ୍ଗ, ସରୁଆଳୀ ପଞ୍ଚାୟତକୁ ନେଇ ବାରକୋଟ ଜିଲ୍ଲାପରିଷଦ ଜୋନ-୩ ଗଠିତ ହୋଇଛି । ପୂର୍ବରୁ ତାହା ବିଜେପି ଦଖଲରେ ଥିବାବେଳେ ଗତ ୨୦୨୨ରେ ବିଜେଡ଼ି ସେଠାରେ ବାଜିମାତ୍ କରିଥିଲା । ଉକ୍ତ ଜୋନ ମହିଳା ବର୍ଗ ପାଇଁ ସଂରକ୍ଷିତ ରହିଥିବାରୁ ବିଜେଡିରୁ ଗୀତାଞ୍ଜଳୀ ପାଣି, ବିଜେପିରୁ ସଂଯୁକ୍ତା ମହାକୁଳ, କଂଗ୍ରେସରୁ ସବିତା ପ୍ରଧାନ ନିର୍ବାଚନ ଲଢ଼ିଥିଲେ । ତେବେ ସତ୍ୟଙ୍କ ଗୋଟିଚାଳନାରେ ଗୀତାଞ୍ଜଳୀ ବାଜିମାତ୍ କରିଥିଲେ । ପଞ୍ଚାୟତ ନିର୍ବାଚନର କିଛିଦିନ ପୂର୍ବରୁ ଶ୍ରୀ ପାଣି ଓ ତାଙ୍କର ପତ୍ନୀ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗଦେଇଥିଲେ । ଗୀତାଞ୍ଜଳି ବି ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ସମିତି ସଭ୍ୟା ଥିଲେ । ଶ୍ରୀ ପାଣି ୧୯୮୬ରୁ ୧୯୯୦ ପର୍ଯ୍ୟନ୍ତ ବାରକୋଟ ବ୍ଲକର ଅଧ୍ୟକ୍ଷ ଥିଲେ ଏବଂ ୧୯୯୫ ରୁ ୨୦୦୦ ପର୍ଯ୍ୟନ୍ତ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରହିଥିଲେ । ଏହାସହିତ ୧୯୯୮ ଉପନିର୍ବାଚନରେ କଂଗ୍ରେସ ଓ ୨୦୧୪ ସାଧାରଣ ନିର୍ବାଚନରେ ଆମ ଓଡିଶା ପାର୍ଟିରୁ ମାଠିଆ ଚିହ୍ନରେ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ । ତେବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ସହ ତାଙ୍କର ତିକ୍ତ ସମ୍ପର୍କ ରହିଛି । ୨୦୨୨ ପଞ୍ଚାୟତ ନିର୍ବାଚନ ପରେ ସେ ଜିଲ୍ଲା ସରପଞ୍ଚ ସଂଘ ସଭାପତି ଓ ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ରାଜନୀତିରେ ନିଜର ଦବଦବା ଜାହିର କରିଥିଲେ । କିନ୍ତୁ ଗତ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପିରେ ଯୋଗଦେଇ ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚାର ଦାୟିତ୍ୱ ନେଇଥିଲେ । ହେଲେ ତାଙ୍କ ପତ୍ନୀ ଶ୍ରୀମତୀ ପାଣି ବିଜୁ ଜନତା ଦଳର ଏବେ ମଧ୍ୟ ସକ୍ରିୟ ସଭ୍ୟା ଅଛନ୍ତି । ବୋଧହୁଏ ପଦବୀ ଚାଲିଯିବା ଭୟରେ ସେ ସ୍ୱାମୀଙ୍କ ସହ ଦଳ ଛାଡ଼ିନଥିଲେ । ଦେବଗଡ଼ ରାଜନୀତିରେ ବାରକୋଟ ବ୍ଲକର ବେଶ୍ ଦବଦବା ରହିଛି । ବର୍ତ୍ତମାନର ବିଧାୟକ ଶ୍ରୀ ବିଶ୍ୱାଳ ଓ ବିଜେପି ସଭାପତି ଅରୁଣ କୁମାର ସାହୁ ବାରକୋଟ ବ୍ଲକର ହୋଇଥିବା ବେଳେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଶ୍ରୀ ପାଣିଙ୍କ ଭୂମିକା କଣ ରହିବ ତାହା ଉପରେ ଏବେ ନଜର ରହିଛି ।

# 'ଅଭୟ୍' ଆଗ୍ରେସିଭ୍

୧୯୯୦ରୁ ଆଠଗଡ଼ରେ ଚାଲିଛି ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ରାଜ୍ । ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଭଳି ହେଭିୱେଟ୍ ନେତାଙ୍କୁ ବି ହରାଇ ଦେଇଛନ୍ତି । ୮ ଥର ବିଧାୟକ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ସବୁବେଳେ ଭଲ ଭୋଟରେ ଜିତି ଆସୁଥିବା ରାଜା ସ୍ୱାଇଁଙ୍କୁ କିନ୍ତୁ ୨୦୨୪ରେ ଢେର କସରତ କରିବାକୁ ପଡ଼ିଥିଲା । ମାତ୍ର ୪ ହଜାର ଭୋଟରେ ବିଜୟୀ ହୋଇଥିଲେ ।

**ବିଜେପି ବଢ଼ିବ ନା ଛିଡ଼ିବ**

ଏବେ ଆଠଗଡ଼ରେ ରାଜାଙ୍କ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ଅଭୟ ବାରିକ । ଆଠଗଡ଼ରେ ଅଭୟଙ୍କର ବି ଚେର ମଜବୁତ୍ ହେବାରେ ଲାଗିଛି । ୨୦୧୯ରେ ବିଜେପି ଆଠଗଡ଼ରେ ୪୦ ହଜାର ଭୋଟ୍ ପାଇଥିବାବେଳେ ୨୦୨୪ରେ ସେ ୮୦ ହଜାରରୁ ଅଧିକ ଭୋଟ୍ ପାଇଥିଲେ । ତେବେ ସରକାରୀ ବିରୋଧୀ ହାୱା ଓ ବିଜେପି ପ୍ରତି ସୁଅ ସତ୍ତ୍ୱେ ରାଜା ବି ୫୦% ଭୋଟ୍ ପାଇବା ଛୋଟିଆ କଥା ନୁହେଁ । ଦେବୀ ମିଶ୍ରଙ୍କ ଭଳି ଟାଣୁଆ ନେତା ଗଡ଼ି ପଡ଼ିଥିଲେବି ରାଜା ସ୍ୱାଇଁ କିନ୍ତୁ ଡିରା ଦେଇ ନିଜର ଟେକ ରଖିବାରେ ସକ୍ଷମ ହୋଇଥିଲେ । ଏସବୁ ଭିତରେ ଅଭୟଙ୍କ ସାଂଗଠନିକ ଦକ୍ଷତାକୁ ବି ଅସ୍ୱୀକାର କରାଯାଇପାରିବ ନାହିଁ ।




ବିଜେପି ସରକାର ଗଢ଼ିଥିବାରୁ ଅଭୟ ଆଉ ଟିକେ ଉତ୍ସାହିତ ହୋଇପଡ଼ିଛନ୍ତି । କିନ୍ତୁ ଅତ୍ୟଧିକ ଆଗ୍ରେସିଭ୍ ହେଉଥିବାରୁ ତାହା ଦିନେ ତାଙ୍କୁ ନିଶ୍ଚିତ ଅକଳରେ ପକାଇବ । ଏଇଯେମିତି ଟାଙ୍ଗୀ-ଚୌଦ୍ୱାରରେ ତାଙ୍କର ଆଚରଣ ଓ ଉଚ୍ଚାରଣ ତାଙ୍କୁ ବଦନାମ୍ କରିଛି । ପ୍ରଶାସନିକ ମହଲରେ କ୍ଷୋଭ ସୃଷ୍ଟିକରିଛି । ଅବଶ୍ୟ ଅରିନ୍ଦମଙ୍କ ଉପରେ ସମସ୍ତେ ଫୋକସ କରିବାରୁ ଅଭୟଙ୍କୁ ମିଡ଼ିଆ ନଜର ଅନ୍ଦାଜ କରିଛି । ଅନେକ ସମୟରେ ଆଠଗଡ଼ରେ ଅଭୟ ନିଜର ପତିଆରା ଜାହିର କରିବାକୁ ଭୁଲ୍ ରାସ୍ତାରେ ଯାଉଛନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଦଳୀୟ ଦୃଷ୍ଟିକୋଣରୁ ରାଜାଙ୍କୁ ବିରୋଧ କରିବା ଅଭୟଙ୍କର ଧର୍ମ । ହେଲେ ସମର୍ଥକଙ୍କ ଜରିଆରେ ଅଣ୍ଡା ଓ ଟେକା ମାଡ଼ କରିବା ଆଦୌ ଶୋଭନୀୟ ନୁହେଁ । ସେମିତି ହେଲେ ହୁଏତ ସେ ଚର୍ଚ୍ଚାରେ ରହିପାରନ୍ତି, କିନ୍ତୁ ସଂଗଠନ ବଢ଼େ ନାହିଁ । ରାଜନୀତିରେ ନକରାତ୍ମକ ଚର୍ଚ୍ଚା ଗୋଟିଏ ମୁହୂର୍ତ୍ତରେ ବି ଦଶ ହଜାର ସରିକି ଭୋଟ୍ କମାଇଦିଏ । ଅଭୟ ଏକଥା ବୁଝିଲେ ତାଙ୍କ ରାଜନୀତିକ କ୍ୟାରିୟର ପାଇଁ ଭଲ । ସେହିପରି ଅଭୟଙ୍କୁ ଦଳ ପକ୍ଷରୁ ବି ତାଗିଦ୍ କରାଯିବ ବୋଲି ଜାଣିବାକୁ ମିଳିଛି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି । ଏମିତିକି ବିଧାନସଭାର ସବୁ ବିଧାୟକଙ୍କୁ ପ୍ରୋଟେମ ସ୍ପିକର ଭାବେ ରାଜା ସ୍ୱାଇଁ ହିଁ ଶପଥ ପାଠ କରାଇଛନ୍ତି । ମୋହନଙ୍କ ଠାରୁ ବି ଢେର ସିନିୟର । ଜଣେ ବରିଷ୍ଠ ବିଧାୟକଙ୍କ ପ୍ରତି ରାଜନୀତିକସ୍ତରରେ ଏଭଳି ଆଚରଣକୁ ମୋହନ ବି ନାପସନ୍ଦ କରିଛନ୍ତି ।

# ଆୟୁବଙ୍କ ପରେ କଣ୍ଟାବାଞ୍ଜିରେ କିଏ ଧରିବ ବିଜେଡି ମଙ୍ଗ?

# ଗିରିରାଜ୍, ଅଜିତ୍ ନା ଅଜୟ୍

ବଲାଙ୍ଗୀରରୁ ଜ୍ୟୋସ୍ନାରାଣୀ ଦାସ

୨୦୨୪ ନିର୍ବାଚନରେ ସବୁଠାରୁ ବେଶୀ ଚର୍ଚ୍ଚାରେ ଥିଲା କଣ୍ଟାବାଞ୍ଜି। ବିଜେଡ଼ି ସୁପ୍ରିମୋ ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେଠାରୁ ଲଢ଼ିଥିଲେ। କିନ୍ତୁ ନିର୍ବାଚନରେ ନବୀନଙ୍କ ପରାଜୟ ଏହାକୁ ଆହୁରି ଚର୍ଚ୍ଚାରେ ରଖିଥିଲା। ରାଜନୀତିକ ଜୀବନରେ ଏହା ଥିଲା ନବୀନଙ୍କ ପ୍ରଥମ ପରାଜୟ। ଏବେ ପୁଣି ବିଜେଡ଼ି ରାଜନୀତି ସରଗରମ ହେବାରେ ଲାଗିଛି। ବିଜେଡ଼ିର ଟାଣୁଆ ନେତା ତଥା କଣ୍ଟାବାଞ୍ଜିର ମଙ୍ଗ ଧରି ଆସୁଥିବା ଆୟୁବ ଖାନଙ୍କ ପରଲୋକ ପରେ ଶୂନ୍ୟସ୍ଥାନ ପୂରଣ ପାଇଁ କସରତ ଆରମ୍ଭ ହୋଇଯାଇଛି। ଏବେ ତିନି ନେତା; ଗିରିରାଜ ସିଂହ ମାଝୀ, ଅଜିତ୍ କୁମାର ଯୋଶୀ ଓ ଅଜୟ୍ ଦାସଙ୍କୁ ନେଇ ସହରରୁ ଗାଁ ପର୍ଯ୍ୟନ୍ତ ସରଗରମ ଚର୍ଚ୍ଚା ହେଉଛି।







## ଆର୍ମି କମାଣ୍ଡୋରୁ ରାଜନୀତି: ଗିରିରାଜ

କଣ୍ଟାବାଞ୍ଜି ବିଜେଡି ରାଜନୀତିରେ ଏକ ନୂଆ ଏବଂ ଚର୍ଚ୍ଚିତ ଚେହେରା ସାଜିଛନ୍ତି ଗିରିରାଜ ସିଂହ ମାଝୀ। ସେ ଦୀର୍ଘ ବର୍ଷ ଧରି ଦେଶ ମାତୃକାର ସେବା କରି ଆର୍ମି କମାଣ୍ଡୋ ଭାବେ କାର୍ଯ୍ୟରତ ଥିଲେ। ଚାକିରିରୁ ଅବସର ନେବା ପରେ ସେ ସମାଜସେବା କରିବା ଲକ୍ଷ୍ୟ ନେଇ ବିଜେଡିରେ ସାମିଲ ହୋଇଛନ୍ତି। ଦେଶର ସୁରକ୍ଷା ପରେ ଏବେ ଅଞ୍ଚଳବାସୀଙ୍କ ସେବା କରିବା ସହ ବିଜେଡିରୁ ଟିକଟ ପାଇ ବିଧାୟକ ହେବାର ସ୍ୱପ୍ନ ଦେଖି ସେ ସଂଗଠନରେ ସକ୍ରିୟ ରହିଛନ୍ତି। ସ୍ଥାନୀୟ ଲୋକଙ୍କ ମଧ୍ୟରେ ତାଙ୍କର ସ୍ୱଚ୍ଛ ଭାବମୂର୍ତ୍ତିକୁ ନେଇ ବେଶ୍ ଚର୍ଚ୍ଚା ହେଉଛି।



## ଅଭିଜ୍ଞତାର ପୁରୁଣା ଚେହେରା: ଅଜିତ

ରାଜନୈତିକ ଅଭିଜ୍ଞତାରେ ସବୁଠାରୁ ଆଗରେ ରହିଛନ୍ତି ଅଜିତ କୁମାର ଯୋଶୀ। ଓଡ଼ିଶାରେ 'ଜନତା ଦଳ\' ସମୟରୁ ସେ ସକ୍ରିୟ ରାଜନୀତି ସହ ଜଡ଼ିତ ରହିଛନ୍ତି। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରୁ ସେ ରାଜ୍ୟ ଯୁବ ବିଜେଡି ସମ୍ପାଦକ ଭାବେ ଦୀର୍ଘ ବର୍ଷ ଧରି ଦଳୀୟ ସଂଗଠନକୁ ମଜବୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଦୀର୍ଘ ବର୍ଷର ନିରବଚ୍ଛିନ୍ନ ସେବା ପରେ ଏଥର ସେ ବିଧାୟକ ଭାବେ ନିର୍ବାଚନ ଲଢ଼ିବାକୁ ସ୍ଥିର କରିଛନ୍ତି। ଯଦି ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକଟ ଦିଏ, ତେବେ ସେ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରୁ ଦଳର ମଙ୍ଗ ଧରି ଜୋରଦାର ଲଢେଇ କରିବେ ବୋଲି ସ୍ପଷ୍ଟ କରିଛନ୍ତି।

## ପୂର୍ବ ପ୍ରାର୍ଥୀଙ୍କ ନୂଆ ଆଶା: ଅଜୟ୍

ଅନ୍ୟପଟେ ପୂର୍ବରୁ ବିଜୁ ଜନତା ଦଳ ପକ୍ଷରୁ ପ୍ରାର୍ଥୀ ହୋଇସାରିଥିବା ଅଜୟ ଦାସ ମଧ୍ୟ ପୁଣି ଥରେ ରେସକୁ ଓହ୍ଲାଇଛନ୍ତି। କଣ୍ଟାବାଞ୍ଜି ଆସନରୁ ସେ ବିଜେଡି ଟିକଟରେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ ମଧ୍ୟ ମଇଦାନ ଛାଡ଼ିନାହାନ୍ତି। ଦଳ ଯଦି ତାଙ୍କ ପୁରୁଣା ଅଭିଜ୍ଞତାକୁ ଦେଖି ଆଉ ଥରେ ସୁଯୋଗ ଦିଏ, ତେବେ ସେ ପୁଣି ଥରେ ନିର୍ବାଚନ ଲଢ଼ିବା ସହ କଣ୍ଟାବାଞ୍ଜିରେ ଶଙ୍ଖ ଗଡ଼କୁ ଫେରାଇ ଆଣିବେ ବୋଲି ବେଶ୍ ଆଶାବାଦୀ ଅଛନ୍ତି।

## କାହା ଉପରେ ଭରସା କରିବେ ନବୀନ ?

ଜଣେ ପୂର୍ବତନ ସେନା କମାଣ୍ଡୋ, ଜଣେ ସାଂଗଠନିକ ଅଭିଜ୍ଞତା ସମ୍ପନ୍ନ ଯୁବ ନେତା ଏବଂ ଜଣେ ପୂର୍ବତନ ପ୍ରାର୍ଥୀଙ୍କ ମଧ୍ୟରେ ଏବେ କଣ୍ଟାବାଞ୍ଜି ବିଜେଡିର ଭବିଷ୍ୟତ ଝୁଲି ରହିଛି। ପୂର୍ବ ସାଧାରଣ ନିର୍ବାଚନରେ ବିପର୍ଯ୍ୟୟ ପରେ ଏଠାରେ ଦଳକୁ ଏକ ସୁଦୃଢ଼ ଏବଂ ସର୍ବଗ୍ରହଣୀୟ ନେତୃତ୍ୱର ଆବଶ୍ୟକତା ରହିଛି। ଏଭଳି ସ୍ଥିତିରେ ବିଜେଡି ସୁପ୍ରିମୋ କାହା ହାତରେ କଣ୍ଟାବାଞ୍ଜିର ମଙ୍ଗ ଟେକିଦେଉଛନ୍ତି, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

# ବିଜେପିରେ ଛକାପଞ୍ଝା; ଫାଇଦା ନେବେ ବିରୋଧୀ

**ରାଜ୍ୟ ବିଜେପିରେ ଏବେ ଛକାପଞ୍ଝା ଜୋର୍ ଧରିଛି। ଗୋଷ୍ଠୀକନ୍ଦଳ ଭାଇରାସ୍ ବ୍ୟାପିବାରେ ଲାଗିଛି। ସଂଗଠନରେ ତାଳମେଳର ଅଭାବ ପରିଲକ୍ଷିତ ହେଉଛି। ଗାଏମୋଟ୍ କହିଲେ ବିଜେପିରେ ଏବେ ପତିଆରା ଲଢ଼େଇ ଚାଲିଛି। ସେହିପରି ନିଗମ, ବୋର୍ଡ଼ରେ ନିଯୁକ୍ତି ନହେଉଥିବାରୁ ନେତାଙ୍କ ମନରେ ବି ଅସନ୍ତୋଷ ବଢ଼ିବାରେ ଲାଗିଛି। ଶାସକ ବିଜେପିରେ ଏମିତି ସ୍ଥିତି ଚାଲିଥିବାବେଳେ ଏହାର ଫାଇଦା ନେବା ପାଇଁ ବିରୋଧୀ ଯୋଜନା କରୁଛନ୍ତି। ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ନିୟମିତ ଭାବେ ଜିଲ୍ଲା ଓ ନିର୍ବାଚନମଣ୍ଡଳୀ ୱାରୀ ସମୀକ୍ଷା କରୁଥିବାବେଳେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆନ୍ଦୋଳନ ବି ଆରମ୍ଭ କରିଦେଇଛନ୍ତି। ସେପଟେ ପିସିସି ସଭାପତି ଭକ୍ତ ଚରଣ ଦାସ ବିଭିନ୍ନ ନିର୍ବାଚନମଣ୍ଡଳୀ ଗସ୍ତ କରି ସଂଗଠନ ସଜାଡୁଥିବା ଦେଖିବାକୁ ମିଳୁଛି।**

ରାଜ୍ୟ ବିଜେପିରେ ଏବେ ସବୁକିଛି ଠିକ୍ ଚାଲିନାହିଁ। ପ୍ରଥମେ ଅନୁମାନ କରାଯାଉଥିଲା ଦଳ ନୂଆ କରି ସରକାରକୁ ଆସିଛି। ଦୀର୍ଘବର୍ଷ ଧରି ଦଳ ବିରୋଧୀ ଦଳରେ ଥିଲା। ତେଣୁ ସଂଗଠନ, ସରକାର ସବୁ କିଛି ଚାଲିବା ପାଇଁ ସମୟର ଆବଶ୍ୟକତା ରହିଛି। କିନ୍ତୁ ଇତିମଧ୍ୟରେ ଦୁଇବର୍ଷ ବିତିଗଲାଣି। ସାଂଗଠନିକ କ୍ଷେତ୍ରରେ ଯାହା କିଛି ପରିବର୍ତ୍ତନ ହୋଇଛି। ବିଜେଡ଼ି ଓ କଂଗ୍ରେସରୁ ନେତାମାନଙ୍କୁ ଆଣି ମିଶ୍ରଣ ପର୍ବ କରାଯାଉଛି। ହେଲେ ମୂଳ ବିଷୟଗୁଡ଼ିକୁ କିନ୍ତୁ ଏଯାଏଁ ଦଳର ନେତୃତ୍ୱ ଅଣଦେଖା କରୁଥିବା ମନେହେଉଛି। ଏଯାଏଁ ମୋହନ ସରକାରରେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ୧୬ ମନ୍ତ୍ରୀ ଅଛନ୍ତି। ଯେତେବେଳେକି ୨୨ ଜଣ ମନ୍ତ୍ରୀ ସରକାରରେ ରହିପାରିବେ। ଦଳରେ ଗଦାଗଦା ଆଶାୟୀ ଥିଲେବି ୬ ମନ୍ତ୍ରୀ ପଦରେ ନିଯୁକ୍ତି ଦିଆଯାଇପାରୁନି। ଏବେବି ସରକାର ଅଧାଗଢ଼ା ସ୍ଥିତିରେ ରହିଛି କହିଲେ ଭୁଲ୍ ହେବନାହିଁ। ନିଗମ ଓ ବୋର୍ଡ଼ରେ ନିଯୁକ୍ତି ପାଇଁ ଶହ ଶହ ଆଶାୟୀ ଦୁଇବର୍ଷ ହେଲା ଅପେକ୍ଷା କଲେଣି। ହେଲେ ନିଯୁକ୍ତି ଦିଆଯାଇପାରୁନାହିଁ। ସେହିପରି ମୋହନଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ସୁସମ୍ପର୍କ ନାହିଁ ବୋଲି ସାରା ଓଡ଼ିଶା ଜାଣିଛି। ଅନେକ ବିଧାୟକ ଓ ସାଂସଦଙ୍କ କାମ ହୋଇପାରୁନି ବୋଲି ସେମାନେ ଫେରାଦ ହେଉଛନ୍ତି। ନିକଟରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ପତ୍ର ଲେଖି ଅସନ୍ତୋଷ ଝାଡ଼ିଥିଲେ। ବିଜେପିର ଅଧିକାଂଶ ସାଂସଦ ଚିଠିଲେଖି ମନ୍ତ୍ରୀ କିମ୍ବା ଜିଲ୍ଲା ପ୍ରଶାସନକୁ ଅବଗତ କଲେବି କାମ ହେଉନଥିବାରୁ ସେମାନେ ବି ଫିଡ଼ିକି ଯାଇଛନ୍ତି। ନୂଆଦିଲ୍ଲୀରେ ସାଂସଦମାନେ ଏନେଇ ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା କରିଥିବା ସଂକ୍ରାନ୍ତରେ ଖବର ବି ପ୍ରକାଶ ପାଇଥିଲା।



ଏସବୁ ଭିତରେ ମିଶ୍ରଣ ପର୍ବକୁ ନେଇ ବି କେଁ ସୃଷ୍ଟିହୋଇଛି। ବିଜେଡ଼ି ଓ କଂଗ୍ରେସରୁ ଆସୁଥିବା ନେତାମାନେ ମଞ୍ଚ ଉପରେ ବସୁଥିବାବେଳେ ପୁରୁଖା ବିଜେପି ନେତାମାନେ ତଳେ ବସୁଛନ୍ତି। ବାହାରୁ ନେତାମାନେ ଆସୁଥିବାବେଳେ ଆଗାମୀ ପଞ୍ଚାୟତ ନିର୍ବାଚନରେ ସେମାନେ ଜିଲ୍ଲା ପରିଷଦ ଟିକେଟ ନେଇଯିବେ ବୋଲି ଆଶଙ୍କା ବି ପ୍ରକାଶ ପାଉଛି। ସେମାନଙ୍କୁ ଯେତିକି ଗୁରୁତ୍ୱ ଦିଆଯାଉଛି ସେତିକି ଗୁରୁତ୍ୱ ପୁରୁଣା କାର୍ଯ୍ୟକର୍ତ୍ତାମାନଙ୍କୁ ମିଳୁନାହିଁ ବୋଲି ସେମାନେ ଅନୁଭବ କରୁଛନ୍ତି। ଏନେଇ ସୋସିଆଲ ମିଡ଼ିଆରେ କାର୍ଯ୍ୟକର୍ତ୍ତା ଓ ନେତାମାନେ କ୍ଷୋଭ ଝାଡୁଛନ୍ତି। ସେହିପରି ଯେଉଁ ସୋସିଆଲ ମିଡ଼ିଆ ଇନଫ୍ଲୁଏନ୍ସରମାନେ ଦିନେ ଦଳ ପାଇଁ ସାମାଜିକ ଗଣମାଧ୍ୟମରେ ଲଢୁଥିଲେ ଏବେ ସେମାନେ ଯୁଦ୍ଧଂଦେହୀ ଡାକରା ଦେଉଛନ୍ତି। ଏମିତିକି ବିଜେପିର କାର୍ଯ୍ୟକର୍ତ୍ତା ହିଁ ସରକାରଙ୍କୁ ପ୍ରଶ୍ନ ପଚାରିବା ଆରମ୍ଭ କଲେଣି। ସୋସିଆଲ ମିଡ଼ିଆ ଯେଭଳି କାମ କରିବା କଥା, ସେଭଳି କରୁନାହିଁ ବୋଲି ନିକଟରେ ରାଷ୍ଟ୍ରୀୟ ସଭାପତି ନିତିନ ନବୀନ କହିବାକୁ ବି ପଛାଇନଥିଲେ। ଅନେକ ବରିଷ୍ଠ ନେତାଙ୍କ ମନରେ ପ୍ରଚଣ୍ଡ ଅସନ୍ତୋଷ ଥିଲେବି କେବଳ ଦଳୀୟ ଶୃଙ୍ଖଳାକୁ ମାନି ସେମାନେ ନୀରବରେ ବସିବାକୁ ବାଧ୍ୟ ହେଉଛନ୍ତି।

ନିମାପଡ଼ାରେ ପ୍ରଭାତୀ ପରିଡ଼ା ଓ ସମୀର ରଞ୍ଜନ ଦାସ ମୁହାଁମୁହିଁ ହେଉଛନ୍ତି। ଝାରସୁଗୁଡ଼ାରେ ଟଙ୍କଧର ତ୍ରିପାଠୀ ଓ ସୁରେଶ ପୂଜାରୀଙ୍କ ମଧ୍ୟରେ ବିବାଦ ଦାଣ୍ଡରେ ପଡ଼ିଲାଣି। ଗଞ୍ଜାମରେ ପ୍ରଦୀପ ପାଣିଗ୍ରାହୀ ଓ ବିଭୂତି ଜେନାଙ୍କ ମଧ୍ୟରେ ସୁସମ୍ପର୍କ ନଥିବା ଜଣାପଡ଼ିଛି। ବଲାଙ୍ଗୀରରେ ବି ପତିଆରା ଲଢ଼େଇ ଆରମ୍ଭ ହୋଇଯାଇଛି। ସମ୍ବଲପୁରରେ ବି ଜୟନାରାୟଣ ମିଶ୍ରଙ୍କ ସହ ବିଜେପିର ଗୋଟିଏ ଗୋଷ୍ଠୀ ଲଢ଼େଇ କରୁଛି। ରାଜ୍ୟସଭା ନିର୍ବାଚନରେ ଯେଉଁମାନେ ବିଜେଡ଼ି ବା କଂଗ୍ରେସରୁ କ୍ରସଭୋଟିଂ କରିଥିଲେ ସେମାନଙ୍କୁ ବିଜେପି କୁଆଡ଼େ ଟିକେଟ ଦେବବୋଲି ବାର୍ତ୍ତା ତୃଣମୂଳସ୍ତରକୁ ଯାଇଛି। ସେହିସବୁ ନିର୍ବାଚନମଣ୍ଡଳୀରେ ବିଜେପି କାର୍ଯ୍ୟକର୍ତ୍ତାମାନେ ଅସନ୍ତୋଷ ଝାଡ଼ିଲେଣି। ଦଳ ଏନେଇ ସ୍ପଷ୍ଟ କରୁ ବୋଲି ଦାବି କଲେଣି। ଅନେକ ନିର୍ବାଚନମଣ୍ଡଳୀରେ ବିଜେପି ବିଧାୟକ ବନାମ ସାଂସଦଙ୍କ ମଧ୍ୟରେ ବି ଲଢ଼େଇ ଚାଲିଛି। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାବେଳେ ଦଳ ଭିତରେ କୁହୁଳୁଥିବା ଅସନ୍ତୋଷ ଦଳୀୟ ସଂଗଠନକୁ କ୍ଷତି ପହଁଚାଇଛି।

ଅପରପକ୍ଷରେ ବିଜେପିରେ ଚାଲିଥିବା ବାଦୀପାଲାରୁ ଫାଇଦା ନେବା ପାଇଁ ବିରୋଧୀ ରଣନୀତି କରିଛନ୍ତି। ୨୦୨୪ ନିର୍ବାଚନ ପରେ ପରେ ବିଜେଡ଼ିରେ କଳି ଜୋର ଧରିଥିଲା। ନିର୍ବାଚନ ପରାଜୟ ପାଇଁ ପ୍ରଣବ ପ୍ରକାଶ ଦାସ ଓ ଭିକେ ପାଣ୍ଡିଆନଙ୍କୁ ନେତାମାନେ ଦାୟୀ କରୁଥିଲେ। ଅନେକ ପରାଜିତ ନେତାମାନେ ଭୋଜି ଆଳରେ ମେଳି ବାନ୍ଧୁଥିଲେ। କିନ୍ତୁ ଧିରେଧିରେ ବିଜେଡ଼ିରେ କଳି ବନ୍ଦ ହୋଇଯାଇଛି। କ୍ଷମତା ଓ କାମଦାମ ଲୋଭରେ କେବଳ ପଞ୍ଚାୟତସ୍ତରୀୟ ନେତାମାନେ କ୍ଷୋଭ ଝାଡ଼ି ବିଜେପିକୁ ଯାଉଥିବା ଲକ୍ଷ୍ୟ କରାଯାଉଛି। ନବୀନ ବାବୁ ଏବେ ମହିଳାଙ୍କ ଭୋଟ୍ ଉପରେ ନଜର ରଖିଛନ୍ତି। ବିଜେଡ଼ିର ଶକ୍ତି ଥିଲା ମହିଳା ଭୋଟ୍ ବ୍ୟାଙ୍କ। ତେଣୁ ବିଭିନ୍ନ ଜିଲ୍ଲାରେ ଏବେ ବିଜେଡ଼ି ପକ୍ଷରୁ ନାରୀ ଅଧିକାର ଅଭିଯାନ ଆରମ୍ଭ ହୋଇଛି। ଏହାଦ୍ୱାରା ବିଜେଡ଼ି ସରକାରଙ୍କ ବିରୋଧରେ ନ୍ୟାରେଟିଭ୍ କରିବା ସହ ନିଜ ଦଳକୁ ସଂଗଠିତ କରିବାର ପ୍ରୟାସ କରୁଛି। ବିଜୁ ଜନତା ଦଳର ଯେଉଁ ନେତାମାନେ ପୂର୍ବରୁ ଅସନ୍ତୁଷ୍ଟ ଥିଲେ ସେମାନେ ବି ଧିରେଧିରେ ନୀରବ ରହିବା ଆରମ୍ଭ କଲେଣି। କାହିଁକିନା ବିଜେପିରେ ସେମାନଙ୍କୁ କେତେ ଗୁରୁତ୍ୱ ମିଳିବ ତାହା ସେମାନେ ଅନୁଭବ କରିପାରୁନାହାନ୍ତି। ନବୀନ ନିବାସରେ ନିର୍ବାଚନମଣ୍ଡଳୀ ୱାରୀ ନବୀନ ବାବୁ ସମୀକ୍ଷା କରିବା ସହ ପଞ୍ଚାୟତ ପ୍ରତିନିଧିମାନଙ୍କ ସହ ବି ଦେଖାସାକ୍ଷାତ କରୁଛନ୍ତି। ଗାଏମୋଟ୍ କହିଲେ ବିଜେଡ଼ି ଶିବିର ପୂର୍ବାପେକ୍ଷା ଚଳଚଞ୍ଚଳ ହୋଇପଡ଼ିଛି। ସୋସିଆଲ ମିଡ଼ିଆରେ ବିଜେଡ଼ି ନେତାମାନେ ବେଶ୍ ସକ୍ରିୟ ହେଲେଣି। ଦଳର ସାଂସଦ, ବିଧାୟକ ଓ ବ୍ଲକସ୍ତରୀୟ ନେତାମାନେ ବି ସୋସିଆଲ ମିଡ଼ିଆରେ ରଣହୁଙ୍କାର ଦେଲେଣି।

ବିଜେଡ଼ି ଭଳି କଂଗ୍ରେସ ବି ଘର ସଜାଡ଼ିବାରେ ଲାଗିଛି। ଭକ୍ତ ଦାସ ପିସିସି ସଭାପତି ହେବାର ଛଅମାସ ପରେ ଦଳରେ କେଁ କଟର ଚାଲିଥିଲା। କିନ୍ତୁ ଏବେ କଂଗ୍ରେସରେ ଆଗଭଳି କନ୍ଦଳ ହେଉନାହିଁ। କଂଗ୍ରେସର ସକ୍ରିୟ ନେତାଙ୍କ ସଂଖ୍ୟା କମ୍ ଥିଲେବି ସେମାନେ ନିଜ ନିଜ ବାଟରେ ବିଜେପି ସରକାର ବିରୋଧରେ ମାହୋଲ ସୃଷ୍ଟି କରୁଛନ୍ତି। ଯେଉଁଯେଉଁ ସ୍ଥାନରେ କଂଗ୍ରେସର ସ୍ଥିତି ଭଲରହିଛି ସେଠାରେ ଭକ୍ତ ଦାସ ଛୋଟମୋଟ ସମାବେଶ କରୁଛନ୍ତି। ବିଜେଡ଼ି ଓ କଂଗ୍ରେସର ମିଡ଼ିଆ ସେଲ୍ ବି ବେଶ୍ ସକ୍ରିୟ ହୋଇଯାଇଛି। ବିଜେପିରେ ଚାଲିଥିବା ଅସ୍ଥିରତାରୁ ଉଭୟ ବିଜେଡ଼ି ଓ କଂଗ୍ରେସ ଫାଇଦା ନେବାକୁ ଚାହୁଁଛନ୍ତି।

ଗର୍ବିତ ଓଡ଼ିଆ

# କେବେ ହେଭିୱେଟ୍ ତ କେବେ ରକ୍ତ ସମ୍ପର୍କର ଲଢ଼େଇ









ବଲାଙ୍ଗୀର ଜିଲ୍ଲାର ଲୋଇସିଂହା, ପୁଇଁନ୍ତଲା ଓ ଆଗଲପୁର ବ୍ଲକକୁ ନେଇ ଗଠିତ ଲୋଇସିଂହା ହେଉଛି ପଶ୍ଚିମ ଓଡ଼ିଶାର ଏକ ଚର୍ଚ୍ଚିତ ନିର୍ବାଚନମଣ୍ଡଳୀ । ବଲାଙ୍ଗୀରର ବହୁ ହେଭିୱେଟ ନେତା ଏଠାରୁ ନିଜର ଭାଗ୍ୟ ପରୀକ୍ଷା କରିଛନ୍ତି । ବରିଷ୍ଠ ବିଜେଡି ନେତା ଅନଙ୍ଗ ଉଦୟ ସିଂହଦେଓ, ବାଳ ଗୋପାଳ ମିଶ୍ର ହୁଅନ୍ତୁ କି ନରସିଂହ ମିଶ୍ର ସମସ୍ତେ ଏଠାରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି ।

୧୯୫୭ ମସିହାରୁ ଲୋଇସିଂହା ନିର୍ବାଚନମଣ୍ଡଳୀ ଗଠନ ହେବା ଦିନଠାରୁ ୨୦୦୪ ନିର୍ବାଚନ ପର୍ଯ୍ୟନ୍ତ ଏଠି ମିଶ୍ର ପରିବାରର ଶାସନ ଚାଲିଥିଲା । ରାମ ପ୍ରସାଦ ମିଶ୍ର, ନନ୍ଦ କିଶୋର ମିଶ୍ର, ବାଳ ଗୋପାଳ ମିଶ୍ର, ନରସିଂହ ମିଶ୍ରଙ୍କ ଭଳି ନେତାମାନେ ଏଠାରୁ ପ୍ରତିନିଧିତ୍ୱ କରିଛନ୍ତି । କେବଳ ୧୯୭୪ ମସିହାରେ ଥରେ ମାତ୍ର ସ୍ୱତନ୍ତ୍ର ପାର୍ଟିରୁ ଅନଙ୍ଗ ଉଦୟ ସିଂହଦେଓ ଜିତିଥିଲେ । ନନ୍ଦକିଶୋର ବାଚସ୍ପତି ବି ହୋଇଥିଲେ । ବାଳଗୋପାଳ ମିଶ୍ରଙ୍କ ସେ ଥିଲେ ରକ୍ତ ସମ୍ପର୍କୀୟ କାକା । ରାଜନୀତିର ମଇଦାନରେ ଏଠାରେ ରକ୍ତ ସମ୍ପର୍କର ତିକ୍ତତା ଚରମ ସୀମାରେ ପହଞ୍ଚିବାର ବି ନଜିର ରହିଛି । କେତେବେଳେ ଶଳା-ଭିଣୋଇ ବଳ କଷାକଷି ହୁଏତ କେତେବେଳେ ମାମୁଁଙ୍କୁ କଡା ଟକ୍କର ଦିଅନ୍ତି ଭଣଜା ।

ଏଠି ଆମେ କହୁଛୁ ପୂର୍ବତନ ବିଧାୟକ ବାଳଗୋପାଳ ମିଶ୍ର ଏବଂ ନରସିଂହ ମିଶ୍ରଙ୍କ କଥା । ବାଳଗୋପାଳ ବାବୁ ୧୯୮୦ରୁ ୧୯୮୫, ୧୯୮୫ରୁ ୧୯୯୦ରେ ଜିତିଥିଲେ । ୧୯୯୦ରେ ନରସିଂହ ମିଶ୍ର ଲୋଇସିଂହାରୁ ଜନତା ଦଳ ଟିକେଟରେ ବିଜୟୀ ହୋଇ ବିଜୁ ପଟ୍ଟନାୟକଙ୍କ ସରକାରରେ ଆଇନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଥିଲେ । ନରସିଂହ ବାବୁ ୧୯୯୫ରେ ଲୋଇସିଂହାରୁ ନଲଢି ପଡୋଶୀ ବିନିକା ନିର୍ବାଚନ ମଣ୍ଡଳୀରୁ ଲଢି ବିଧାୟକ ହୋଇଥିଲେ । ଅପରପକ୍ଷରେ ୧୯୯୫ରୁ ୨୦୦୪ ପର୍ଯ୍ୟନ୍ତ ବାଳଗୋପାଳ ମିଶ୍ର ଦୁଇଥର ବିଧାୟକ ଥିଲେ । ବାଳଗୋପାଳ ବାବୁ ୪ ଥର ବିଧାୟକ ହୋଇଥିବାବେଳେ ୩ ଥର ସ୍ୱାଧୀନ ଭାବେ ଜିତିଥିଲେ । କେବଳ ଥରେ ମାତ୍ର ୨୦୦୦ରେ ବିଜେପି ଟିକେଟରେ ବିଧାୟକ ହୋଇଥିଲେ । ୨୦୦୦ ନିର୍ବାଚନରେ କିନ୍ତୁ ଶଳା- ଭିଣୋଇ ସଂପର୍କ ତିକ୍ତତା ଆହୁରି ବଢିଯାଇଥିଲା । ବିନିକା ଆସନ ଛାଡି ଲୋଇସିଂହାକୁ ଫେରିଥିଲେ ନରସିଂହ । ସେହି ନିର୍ବାଚନରେ ନରସିଂହଙ୍କୁ ହାରିବାକୁ ପଡିଲା । ୨୦୦୪ ନିର୍ବାଚନ ପୂର୍ବରୁ ଜନତା ଦଳ ଛାଡି କଂଗ୍ରେସରେ ଯୋଗଦେଲେ ନରସିଂହ । ବିଜେପିରୁ ପ୍ରାର୍ଥୀ ହୋଇଥିଲେ ସ୍ୱର୍ଗତ ଲଳିତ କୁମାର ନାୟକ । ବାଳଗୋପାଳ ମିଶ୍ର ନିଜେ ନଲଢି ପୁଅ ଆକାଶ ମିଶ୍ରଙ୍କୁ ସ୍ୱାଧୀନ ଭାବେ ମଇଦାନକୁ ଛାଡିଥିଲେ । କଂଗ୍ରେସରୁ ପ୍ରାର୍ଥୀ ହେଲେ ନରସିଂହ । ନରସିଂହ ବନାମ ଆକାଶଙ୍କ ମଧ୍ୟରେ ଜୋରଦାର ଲଢ଼େଇ ହୋଇଥିବାବେଳେ ନରସିଂହ ପୂର୍ବ ପରାଜୟର ପ୍ରତିଶୋଧ ନେଇଥିଲେ । ମାମୁଁ-ଭଣଜା ଲଢ଼େଇ ଶେଷ ସମୟରେ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା ।

## ଲୋଇସିଂହା ରାଜନୀତି

୨୦୦୯ରେ କିନ୍ତୁ ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ମିଶ୍ର ପରିବାର ରାଜନୀତି ଶେଷ ହୋଇଥିଲା । ସୀମା ପୁନଃନିର୍ଦ୍ଧାରଣରେ ବଲାଙ୍ଗୀର ନିର୍ବାଚନ ମଣ୍ଡଳୀରୁ ପୁଇଁନ୍ତଲା ବ୍ଲକ ଉଚ୍ଛେଦ ହୋଇ ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ମିଶିଲା । ୨୦୦୯ ନିର୍ବାଚନରେ ବିଜେଡିରୁ ରମାକାନ୍ତ ସେଠ, କଂଗ୍ରେସରୁ ପାଣ୍ଡବ ଚନ୍ଦ୍ର କୁମ୍ଭାର ଏବଂ ବିଜେପିରୁ ମଘା କୁମ୍ଭାର ପ୍ରତିଦ୍ୱନ୍ଦିତା କରିଥିଲେ । ରମାକାନ୍ତଙ୍କୁ ୪୯,୯୫୯ ଖଣ୍ଡ ଭୋଟ ମିଳିଥିବା ବେଳେ ପାଣ୍ଡବଙ୍କୁ ମିଳିଥିଲା ୪୫,୫୬୬ ଭୋଟ । ସେହିପରି ବିଜେପିର ମଘା କୁମ୍ଭାର ମଧ୍ୟ ୩୮,୨୬୧ ଭୋଟ ପାଇଥିଲେ ।

୨୦୧୪ରେ ଲୋଇସିଂହାରେ ଗଣିତ ପୁଣି ବଦଳିଗଲା । ପ୍ୟାରୀ ମହାପାତ୍ରଙ୍କ ମିଡନାଇଟ ଅପରେସନ ବେଳେ କୁଆଡେ ରମାକାନ୍ତ ସେଠ ମଧ୍ୟ ସହଭାଗୀ ଥିଲେ । ସେଥିପାଇଁ ବିଜେଡି ଆଉ ତାଙ୍କୁ ବିଶେଷ ଗୁରୁତ୍ୱ ଦେଲାନାହିଁ । ବିଜେଡି ରାତାରାତି ଟିଟିଲାଗଡର ୪ ଥରିଆ ବିଧାୟକ ଯୋଗେନ୍ଦ୍ର ବେହେରାଙ୍କୁ ଆଣି ପ୍ରାର୍ଥୀ କରିଥିଲା । ଯୋଗେନ୍ଦ୍ର ବାବୁ ମଧ୍ୟ ୬୪,୩୪୦ ଭୋଟ ପାଇ କଂଗ୍ରେସ ପ୍ରାର୍ଥୀ ପାଣ୍ଡବ କୁମ୍ଭାରଙ୍କ ଠାରୁ ୨୨,୮୫୪ ଭୋଟରେ ବିଜୟୀ ହୋଇ ମନ୍ତ୍ରୀ ହୋଇଥିଲେ ।

୨୦୧୯ ନିର୍ବାଚନରେ ଲୋଇସିଂହା ରାଜନୀତି କଡ଼ ଲେଉଟାଇଥିଲା । ବଲାଙ୍ଗୀର ରାଜ ପରିବାର ଏବଂ ଯୋଗେନ୍ଦ୍ର ବେହେରାଙ୍କ ସମ୍ପର୍କ ସମସ୍ତଙ୍କୁ ଜଣା । ଯୋଗେନ୍ଦ୍ରଙ୍କୁ କଳିକେଶ ସିଂହଦେଓ ବିରୋଧ କରିଥିବାବେଳେ ଯୋଗେନ୍ଦ୍ର ନିଜେ ନଲଢି ପୁଅ ନିହାର ରଞ୍ଜନ ବେହେରାଙ୍କ ପାଇଁ ନବୀନଙ୍କୁ ଟିକେଟ୍ ମାଗିଥିଲେ । ତେବେ କଳିକେଶଙ୍କ ସୁପାରିଶ କ୍ରମେ ନିହାରଙ୍କ ବଦଳରେ ପ୍ରଦୀପ ବେହେରାଙ୍କୁ ଟିକେଟ ମିଳିଥିଲା । ଅବଶ୍ୟ ପ୍ରଦୀପ ବିଜେପିର ମୁକେଶ ମହାଲିଙ୍ଗଙ୍କ ଠାରୁ ୧୩,୬୬୮ ଭୋଟରେ ହାରି ଯାଇଥିଲେ । ୨୦୨୪ ନିର୍ବାଚନରେ ବର୍ତ୍ତମାନର ବିଧାୟକ ତଥା ମନ୍ତ୍ରୀ ମୁକେଶ ମହାଲିଙ୍ଗ ବିରୋଧରେ ପ୍ରାର୍ଥୀ ହୋଇଥିଲେ ଯୋଗେନ୍ଦ୍ର ବେହେରାଙ୍କ ପୁଅ ନିହାର ରଞ୍ଜନ ବେହେରା । କିନ୍ତୁ ବିଜେଡ଼ିରେ ଗୋଷ୍ଠୀକନ୍ଦଳର ସୁଯୋଗ ନେଇ ମୁକେଶ ବାଜିମାତ୍ କରିଥିଲେ ।

## ମହାମୂର୍ଖ ଉବାଚ



| ଡ଼ଃ କୁଳାଙ୍ଗାର |

# ଅସରପା ହଟାଅ...!

ଅସରପାଙ୍କୁ ଧରରେ ଭାଇ
ଅସରପାଙ୍କୁ ମାର;
ଅସରପାଙ୍କୁଇଁ ଧରି ନମାରିଲେ
ଫମ୍ପା କରିଦେବେ ଘର!
ଗନ୍ଧିଆ ଅପରିଷ୍କାର,
ରହିବେ ଯୋଉଠି ତାଡ଼ିବେ ସେଇଠି
ପ୍ରତିକାର ଶୀଘ୍ର କର!

ଅସରପାଙ୍କର ଜାତିଧର୍ମ ନାହିଁ
ନାହିଁ ଘର ପରିବାର;
ଅଳସୁଆ ଯେତେ ପଡି ରହିଥାନ୍ତି
ନାହିଁ କିଛି କାରବାର!
ନଥାଏ କାହାକୁ ଡର,
କୋଉଠି ଲୁଚନ୍ତି ପୁଣି ବାହାରନ୍ତି
ଯେତେ ବିଷ ସ୍ପ୍ରେ ମାର!

ଅସରପାଙ୍କର ରାଷ୍ଟ୍ରଭକ୍ତି ନାହିଁ
ନାହିଁ ଅନ୍ତୋଦୟ ନୀତି;
ଏପଟ ସେପଟ ହେଉଥାନ୍ତି ସଦା
ନାହିଁ ତାଙ୍କ ଦଳ ପ୍ରୀତି!
ନୁହେଁ ସତିଆ କି ସତୀ,
ଖସଖସ ହୋଇ ସିଆଡେ ଚାଲିବେ
ହୋଇଲେ ଅନ୍ଧାର ରାତି!!

ଅସରପା କେବେ ଆଗକୁ ଆସେନା
ଲୁଚି ଛପିକରି ଥାଏ;
ନେତୃତ୍ୱ ଦକ୍ଷତା ତାଠାରେ ନଥାଏ
ସେଥିକି ଫିଟ ନୁହେଁ!
ମରିଲେ ଗନ୍ଧାଏ ସିଏ,
କୋଉ ଦେବତାର କୃପାବଳେ
ଅବା ଏମିତି ଜନମ ପାଏ?

ରାଜନୀତି ପାଇଁ ଅତି ଦରକାରୀ
ସେଇ ଅସରପା ଗୋଷ୍ଠୀ;
ତାଙ୍କରି ବଳରେ କାନ୍ଥରେ ଚାଲନ୍ତି
ନେତା ସାଜି ଝିଟିପିଟି!
ଅସରପା ପିଟାପିଟି,
ହୋଇ ମରାମରି ସୁଆଦେ ଭରନ୍ତି
ଝିଟିପିଟିଙ୍କର ପାଟି!

ଅସରପା ଏବେ ଏକାଠି ହେଲେଣି
ନାଳ ନର୍ଦ୍ଦମାରେ ଥାଇ;
ଦିଅ ଫିଙ୍ଗ କିଛି ସୁବିଧା ଯୋଗାଅ
ଅସରପାଙ୍କର ପାଇଁ!
ଏତେ ହେଲେଣି ଯେ ସେହି,
ଢାଳି ମାରିବାକୁ ପୋଡ଼ି ମାରିବାକୁ
ସେତେ ବିଷ ଦେଶେ ନାହିଁ!!

କିଛି ଝିଟିପିଟି ସମାଧି ନିଅନ୍ତୁ
କିଛିଙ୍କର ଚୋପା ଛାଡୁ;
ସତ କହିବାର ଗୁଣ ଫେରିପାନ୍ତୁ
କଳାକାଉ ନ୍ୟାୟେ ରଡୁ!
ମହାମୂର୍ଖ କହେ ଭିତ୍ତୁ,
ଅସରପାମୁକ୍ତ ଭାରତ ପାଇଁକି
ଚେଷ୍ଟା ହେଉ ଚାରିଆଡୁ!

ଗର୍ବିତ ଓଡ଼ିଆ

# କଂଗ୍ରେସର 'ହାତ' ଧରିବେ ରାଜା

ଏକଦା ପିପିଲି ରାଜନୀତିରେ ଜନତା ଦଳ (ପରେ ବିଜେଡ଼ି) ନେତା ପ୍ରଦୀପ ମହାରଥି ଓ କଂଗ୍ରେସ ନେତା ଯୁଧିଷ୍ଠିର ସାମନ୍ତରାୟଙ୍କ ମଧ୍ୟରେ ରୋଚକ ଲଢ଼େଇ ହେଉଥିଲା । ଏମିତିକି ରାଜନୀତି ପାଇଁ ପିପିଲିରେ ଉଭୟ ଦଳର ଗ୍ୟାଙ୍ଗୱାର ବି ଦେଖିବାକୁ ମିଳୁଥିଲା । ନିର୍ବାଚନ ଥାଉକି ନଥାଉ, ପ୍ରତି ମାସରେ ହଣାକଟା ହେବା ଫାଇନାଲ୍ । କେବେ ପ୍ରଦୀପ ଗୋଷ୍ଠୀ ଯୁଧିଷ୍ଠିରଙ୍କ ଗୋଷ୍ଠୀଙ୍କୁ ତ କେବେ ଯୁଧିଷ୍ଠିରଙ୍କ ଗୋଷ୍ଠୀ ପ୍ରଦୀପ ଗୋଷ୍ଠୀଙ୍କୁ ରକ୍ତାକ୍ତ କରି ଦେଉଥିଲେ । ୧୯୮୫, ୧୯୯୦, ୨୦୦୦ରୁ ୨୦୧୯ ପର୍ଯ୍ୟନ୍ତ ୭ ଥର ବିଧାୟକ ହୋଇଥିଲେ ପ୍ରଦୀପ । ତେବେ ନିର୍ବାଚନୀ ଲଢ଼େଇରେ ୧୯୯୫ରେ ଯୁଧିଷ୍ଠିର ଥରୁଟିଏ ଜିତି ପାରିଥିଲେ । ଅବଶ୍ୟ ବିଜେଡ଼ି ଲଗାତର କ୍ଷମତାରେ ରହିବାରୁ ତାହାର ଫାଇଦା ନେଇଥିଲେ ପ୍ରଦୀପ ।

ବାରମ୍ବାର ହାରିଥିଲେବି ଯୁଦ୍ଧିଷ୍ଠିର ୨୦୧୪ ପର୍ଯ୍ୟନ୍ତ ନିଜର ବଡ଼ ଭୋଟ୍ ବ୍ୟାଙ୍କକୁ ବଜାୟ ରଖିବାରେ ସଫଳ ହୋଇଥିଲେ । ପରେପରେ କଂଗ୍ରେସ ତାଙ୍କୁ କୋଣଠେସା କରିବା ଓ ଅସୁସ୍ଥତା ଯୋଗୁଁ ଯୁଧିଷ୍ଠିର ଆଉ ସଂଗଠନ ପ୍ରତି ଧ୍ୟାନ ଦେଇପାରିନଥିଲେ । ଶେଷରେ ସ୍ଥିତି ଏମିତି ହେଲାଯେ, ପ୍ରଦୀପ ମହାରଥିଙ୍କ ପରଲୋକ କାରଣରୁ ପିପିଲିରେ ଉପନିର୍ବାଚନ ହେବାରୁ ତାଙ୍କ ପୁଅ ପ୍ରିୟବ୍ରତ ସାମନ୍ତରାୟ ବା ରାଜା ସାମନ୍ତରାୟ ଶଙ୍ଖ ଫୁଙ୍କିଥିଲେ । ବାପାଙ୍କ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପ୍ରଦୀପ ମହାରଥିଙ୍କ ପୁଅ ରୁଦ୍ର ମହାରଥିଙ୍କୁ ଜିତାଇବା ପାଇଁ ଦିନରାତି ଏକ କରିଦେଇଥିଲେ । ବିଜେଡ଼ି ମଧ୍ୟ ତାଙ୍କୁ ପୁରସ୍କାର ସ୍ୱରୂପ ଖାଦ୍ୟ କମିଶନଙ୍କ ସଦସ୍ୟ ଭାବେ ନିଯୁକ୍ତି ଦେଇଥିଲା ।

ଏବେ ରାଜନୀତିକ ଚିତ୍ର ବଦଳିଯାଇଛି । ବିଜେଡ଼ି ସରକାରରୁ ପଳାଇଥିବାବେଳେ ରାଜନୀତିକ ଫାଇଦା ବି ମିଳିବନି ବୋଲି ରାଜା ଅନୁମାନ କରିସାରିଛନ୍ତି । କାହିଁକିନା ୨୦୨୯ରେ ପୁଣି ରୁଦ୍ର ହିଁ ବିଜେଡ଼ି ଟିକେଟରେ ପିପିଲିରୁ ଲଢ଼ିବେ । ସେହିପରି ବିଜେପିର ବିଧାୟକ ହୋଇଛନ୍ତି ଆଶ୍ରିତ ପଟ୍ଟନାୟକ । ଏସବୁକୁ ଆଖିଆଗରେ ରଖି ରାଜା ପୁଣି କଂଗ୍ରେସର ମଙ୍ଗ ଧରି ବାପାଙ୍କ ଭଳି ନିର୍ବାଚନ ଲଢ଼ିବାକୁ ଯୋଜନା କରିଛନ୍ତି । ୨୦୧୪ରେ ଯୁଧିଷ୍ଠିର ୪୯ ହଜାରରୁ ଅଧିକ ଭୋଟ୍ ପାଇଥିଲେ । ତେବେ ୨୦୧୯ରେ କଂଗ୍ରେସ ପ୍ରାର୍ଥୀ ଅଜିତ୍ ମଙ୍ଗରାଜ ୯୮୩୦ ଭୋଟ୍ ପାଇଥିବାବେଳେ ୨୦୨୧ ଉପନିର୍ବାଚନରେ କଂଗ୍ରେସକୁ ମାତ୍ର ୪୨୬୧ ଭୋଟ୍ ମିଳିଥିଲା । ସେହିପରି ୨୦୨୪ରେ କଂଗ୍ରେସକୁ ୩୪୪୯ ଭୋଟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା । କଂଗ୍ରେସର ଭୋଟ ଏବେ ପିପିଲିରେ ୨%ରୁ କମ୍ ଥିଲେବି ରାଜା କିନ୍ତୁ ବାପାଙ୍କ ସହଯୋଗୀଙ୍କୁ ନେଇ ସଂଗଠନକୁ ଆଗକୁ ବଢ଼ାଇବାକୁ ରଣନୀତି କରିଛନ୍ତି । ଆସନ୍ତା ୩୧ରେ ସେ ୫ ହଜାର ଲୋକଙ୍କୁ ନେଇ କଂଗ୍ରେସରେ ମିଶିବେ । ଏମିତିକି ମିଶ୍ରଣ ପର୍ବକୁ ଜୋରଦାର କରିବା ପାଇଁ ପୁରୀ ଜିଲ୍ଲା କଂଗ୍ରେସ ଓ ପିପିଲିର କଂଗ୍ରେସ



ନେତାମାନେ ଏକାଠି ବୈଠକ କରିଛନ୍ତି । ଉତ୍ତରାବଜାର ଠାରୁ ବିରାଟ ବାଇକ ରାଲିରେ ପିପିଲିର ଇନ୍ଦିରା ମଇଦାନକୁ ରାଜାଙ୍କୁ ପାଛୋଟି ଅଣାଯିବ । ସେ କଂଗ୍ରେସରେ ଯୋଗଦେବା ସହ ପିପିଲିର ଦାୟିତ୍ୱ ମଧ୍ୟ ନେବେ ।

ଏବେ ପ୍ରଶ୍ନ ଉଠୁଛି ଏହାଦ୍ୱାରା କାହାର ଲାଭ ହେବ ? ପିପିଲିରେ ଏହାକୁ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଛି । କେତେକଙ୍କ ମତରେ ବର୍ତ୍ତମାନର ବିଧାୟକ ଆଶ୍ରୀତ ପଟ୍ଟନାୟକ ପୂର୍ବରୁ କଂଗ୍ରେସରେ ଥିଲେ । ତେଣୁ ତାଙ୍କ ସହ ଥିବା ଅନେକ ନେତା ହେଉଛନ୍ତି କଂଗ୍ରେସର । ରାଜାଙ୍କ ନେତୃତ୍ୱରେ ଯେଉଁ କର୍ମୀମାନେ ଆସିବେ ସେମାନେ ଗତ ନିର୍ବାଚନରେ ଆଶ୍ରୀତଙ୍କୁ ଭୋଟ୍ ଦେଇଥିଲେ । ଫଳରେ ଆଶ୍ରୀତଙ୍କର ହିଁ ଘାଟା ହେବ । ଅନ୍ୟ କେତେକଙ୍କ ମତରେ ରାଜା ବିଜେଡ଼ିରେ ଥିବାବେଳେ ନିଜର ଏକ କୋଟରୀ ସୃଷ୍ଟି କରିଥିଲେ । ରାଜାଙ୍କ ଭୋଟ୍ ବି ରୁଦ୍ରଙ୍କ ଖାତାକୁ ଯାଇଥିଲା । ତେଣୁ ରାଜାଙ୍କ ସହଯୋଗୀମାନେ କଂଗ୍ରେସକୁ ଆସିଲେ ରୁଦ୍ରଙ୍କ ଭୋଟ୍ ହିଁ କମିବ । କିନ୍ତୁ ଆମର ଅନୁଶୀଳନ ହେଉଛି, ପିପିଲିରେ ଏବେବି ବିଜେପି ଓ ବିଜେଡ଼ି ମଧ୍ୟରେ ହିଁ ଲଢ଼େଇ ହେଉଛି । ରାଜା ହୁଏତ ବିଜେଡ଼ି ଓ ବିଜେପିରୁ ନିଜର କିଛି ସହଯୋଗୀଙ୍କୁ ନେଇପାରନ୍ତି, ହେଲେ ସେ ବେଶୀ ଭାଙ୍ଗି ପାରିବେ ନାହିଁ । କିଛି ରୁଦ୍ର ଓ କିଛି ଆଶ୍ରୀତଙ୍କର ଭୋଟ୍ କମିବ । ହେଲେ କଂଗ୍ରେସର ଭୋଟ ଅତିବେଶୀରେ ୨୦ ହଜାର ଭିତରେ ସୀମିତ ରହିପାରେ । ଅବଶ୍ୟ ଏ ପ୍ରଶ୍ନର ପ୍ରକୃତ ଉତ୍ତର ପଞ୍ଚାୟତ ନିର୍ବାଚନରେ ହିଁ ମିଳିପାରିବ ।

### ପିପିଲି ରାଜନୀତି
### କାହାର ଲାଭ, କାହାର କ୍ଷତି ?




# ଜନ୍ମଦିନର ଅଭିନନ୍ଦନ

## ନିତ୍ୟାନନ୍ଦ ଗଣ୍ଡ । ଏସସି ଏସଟି ଓ ଗଣଶିକ୍ଷା ମନ୍ତ୍ରୀ



୧୯୭୮ ମସିହା ଜୁନ୍ ପହିଲାରେ ଜନ୍ମଗ୍ରହଣ କରିଥିଲେ ନିତ୍ୟାନନ୍ଦ ଗଣ୍ଡ । ଆଦିବାସୀ ଓ ଗଣ୍ଡ ସମାଜର ସେବା କରୁକରୁ ସେ ରାଜନୀତିକୁ ଚାଲି ଆସିଥିଲେ । କାଉନସିଲରରୁ ସେ ମନ୍ତ୍ରୀ ହେବାର ସୌଭାଗ୍ୟ ପାଇଛନ୍ତି । ଉମରକୋଟ ନଗର ମଣ୍ଡଳର ଦୁଇଥର ସଭାପତି ଥିବା ନିତ୍ୟାନନ୍ଦ ବିଜେପି ଉମରକୋଟ ନଗରର ସାଧାରଣ ସମ୍ପାଦକ ବି ରହିଥିଲେ । ଜିଲ୍ଲା ଗଣ୍ଡ ସାଂସ୍କୃତିକ ସମାଜର ସେ ସାଧାରଣ ସମ୍ପାଦକ ଥିବାବେଳେ ଉମରକୋଟ ବାର ଆସୋସିଏସନରୁ ବି ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ । ପରେ ବିଜେପି ଏସଟି ମୋର୍ଚ୍ଚାର ସେ ଦୁଇ ଦୁଇ ଥର ରାଜ୍ୟ ସଭାପତି ହେବାର ସୌଭାଗ୍ୟ ପାଇଛନ୍ତି । ୨୦୦୩ରୁ ୨୦୦୮ ପର୍ଯ୍ୟନ୍ତ ସେ ଉମରକୋଟ ଏନଏସିର କାଉନସିଲର ରହିଥିଲେ । ୨୦୧୯ରେ ପ୍ରଥମ ଥର ପାଇଁ ନିତ୍ୟାନନ୍ଦ ବିଧାନସଭାକୁ ଆସିବାର ସୁଯୋଗ ପାଇଥିଲେ । ୨୦୨୪ରେ ସେ ଦ୍ୱିତୀୟ ଥର ପାଇଁ ବିଧାୟକ ହୋଇଥିବାବେଳେ ଏବେ ଏସସି ଏସଟି ବିକାଶ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ଅଛନ୍ତି ।

ଗର୍ବିତ ଓଡ଼ିଆ ODIA WEEKLY GARVIT ODIA

## କଳିକେଶ ନାରାୟଣ ସିଂହଦେଓ । ବିଧାୟକ, ବଲାଙ୍ଗୀର



ରାଜ୍ୟ ରାଜନୀତିରେ ବଲାଙ୍ଗୀର ରାଜବଂଶର ଦବଦବା ଏବେବି ଜାରିରହିଛି । ଅନଙ୍ଗ ଉଦୟ ସିଂହଦେଓଙ୍କ ଭଳି ବଲାଙ୍ଗୀରରେ ବେଶ୍ ପ୍ରଭାବ ବିସ୍ତାର କରିଛନ୍ତି କଳିକେଶ ନାରାୟଣ ସିଂହଦେଓ । ୧୯୭୪ ମସିହା ମେ’ ୨୬ରେ ସେ ଜନ୍ମଗ୍ରହଣ କରିଥିଲେ । ସେଣ୍ଟ ଷ୍ଟିଫେନ୍ସ କଲେଜରୁ ସେ ବିଏ ପାଶ୍ କରିଥିବାବେଳେ ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସରେ ବି ଶିକ୍ଷା ଗ୍ରହଣ କରିଛନ୍ତି । ୨୦୦୪ରେ ସେ ପ୍ରଥମ ଥର ପାଇଁ ସଇଁତଳା ବିଧାନସଭା ଆସନରୁ ବାଜିମାତ୍ କରି ବିଧାୟକ ହୋଇଥିଲେ । ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ସେ ଦୁଇଥର ବଲାଙ୍ଗୀର ଲୋକସଭା ସାଂସଦ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ୨୦୨୪ରେ କଳିକେଶ ପରିବାରର ପାରମ୍ପରିକ ଆସନ ବଲାଙ୍ଗୀରରୁ ବିଜୟୀ ହୋଇ ଦ୍ୱିତୀୟ ଥର ପାଇଁ ବିଧାନସଭାକୁ ଆସିଛନ୍ତି । ଜାତୀୟ ରାଇଫଲ ଆସୋସିଏସନର ବି ସେ ସଭାପତି ଅଛନ୍ତି ।



## ପ୍ରତାପ ଚନ୍ଦ୍ର ନାୟକ । ବିଧାୟକ, କବିସୂର୍ଯ୍ୟନଗର

ଦକ୍ଷିଣ ଓଡ଼ିଶାର ଟାଣୁଆ ବିଜେପି ନେତା ଭାବେ ପ୍ରତାପଙ୍କର ବେଶ ସୁନାମ ରହିଛି । ୧୯୭୭ ମସିହା ମେ’ ୨୭ରେ ପ୍ରତାପ ଚନ୍ଦ୍ର ନାୟକ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପାଙ୍କ ନାମ କାଳୀଚରଣ ଓ ମା’ଙ୍କ ନାମ ଦମୟନ୍ତୀ । ବିଜେଡିର ଗଡ଼ରେ ସେ ପ୍ରଥମ ଥର ପାଇଁ ଫୁଲ ଫୁଟାଇଛନ୍ତି । ୨୦୨୪ ନିର୍ବାଚନରେ ସେ ୩୦ ହଜାରରୁ ଅଧିକ ଭୋଟ୍‌ରେ ଜିତି ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି ।

# ଗଣେଶଙ୍କ ନବୀନ ପ୍ରେମ

ଆଜିକାଲି ରାଜ୍ୟର ଅନ୍ୟତମ ଚର୍ଚ୍ଚିତ ବିଧାୟକ ହେଉଛନ୍ତି ପ୍ରଶାନ୍ତ ଜଗଦ୍ଦେବ । ରାଲି ହେଉକି ମିଟିଂ, ସବୁଠି କିଛିନା କିଛି କାରଣ ପାଇଁ ଗଣେଶ ଭାଇରାଲ୍ ହୁଅନ୍ତି । ଏକଦା ଚକ୍ର ବୁଲାଇ, ଶଙ୍ଖ ଫୁଙ୍କି ଗାଲ ଦରଜ କରି ଦେଉଥିବା ପ୍ରଶାନ୍ତ, ପରିସ୍ଥିତିରେ ପଡ଼ି ପଦ୍ମପୋଖରୀକୁ ଡେଇଁବାକୁ ବାଧ୍ୟ ହୋଇଥିଲେ । ଏତେଦିନ ଯେହେତୁ ଶଙ୍ଖ ମଠରେ ଥିଲେ, ତେଣୁ ମଠ ମହନ୍ତଙ୍କୁ ସେ ଭୁଲି ପାରୁନାହାନ୍ତି । ନିକଟରେ ବେଗୁନିଆ ନିର୍ବାଚନମଣ୍ଡଳୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ନବୀନଙ୍କୁ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ବୋଲି କହିଦେଇ ଜିଭ କାମୁଡ଼ି ପକାଇଥିଲେ । ଏବେ ଏଜି ଛକ ନିକଟରେ ଆଉ ଏକ ଦୃଶ୍ୟ ବି ବେଶ୍ ଭାଇରାଲ ହୋଇଛି । ନବୀନଙ୍କୁ ମୁଣ୍ଡିଆ ମାରି ସେ ଆଶୀର୍ବାଦ ନେବାର ଭିଡ଼ିଓ ଏବେ ସୋସିଆଲ ମିଡ଼ିଆରେ ଛାଇଯାଇଛି । ରବିବାର ଦିନ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କର ପୂଣ୍ୟ ତିଥି ପାଳନ କରାଯାଉଥିଲା । ସେଠାରେ ବିଭିନ୍ନ ଦଳର ନେତାଙ୍କ ଭିଡ଼ ଜମିଥିଲା । ନବୀନ ଆସିବେ ବୋଲି ବାହାରେ ଅପେକ୍ଷା କରି ରହିଥିଲେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ଅନନ୍ତ ଜେନା ଓ ମୁଖପାତ୍ର ଲେନିନ ମହାନ୍ତି । ଶତାଧିକ ବିଜେଡ଼ି ନେତାବି ଠିଆ ହୋଇଥିଲେ । ଏହି ସମୟରେ ଗଣେଶ ଜଗଦ୍ଦେବ ପହଁଚି ବିଜେଡ଼ି ବିଧାୟକ, ମେୟର ଓ ନେତାଙ୍କ ସହ ଖଟି ଜମାଇ ଦେଇଥିଲେ । କିନ୍ତୁ ପରେ ସେ ଜାଣିବାକୁ ପାଇଥିଲେ ନବୀନ ବାବୁ ଆସୁଛନ୍ତି । ଥଟ୍ଟାମଜାରେ ବିଜେଡ଼ି ନେତାମାନେ କହିଲେ, ନବୀନ ବାବୁ ଆସୁଛନ୍ତି, ଆପଣ ଚାଲିନଯାଇ ତାଙ୍କୁ ସ୍ୱାଗତ କରନ୍ତୁ । ତେଣୁ ହୁଙ୍କାପିଟା ହନୁମାନ ଭଳି ଗଣେଶ ସମସ୍ତଙ୍କୁ ପଛରେ ପକାଇ ନବୀନଙ୍କ କାର ଆଡ଼କୁ ମାଡ଼ି ଯାଇଥିଲେ । ସୁରକ୍ଷା କର୍ମୀମାନେ କାର ଡୋର ଖୋଲିବା ମାତ୍ରେ ଗଣେଶ ନମସ୍କାରଟେ କରି ପାଦଛୁଇଁ ପ୍ରଣାମ କରିଥିଲେ । ଏଭଳି ଦୃଶ୍ୟକୁ ସେଠାରେ ଥିବା ମିଡ଼ିଆ ବନ୍ଧୁ ଓ ବିଜେଡ଼ିର କିଛି ନେତା ବି କଏଦ କରିବାକୁ ଭୁଲିନଥିଲେ । ଏହି ଭିଡ଼ିଓ ସୋସିଆଲ ମିଡ଼ିଆରେ ମିଲିୟନ ମିଲିୟନ ଭ୍ୟୁ ସାଉଁଟିଛି ।

# ତୁଣ୍ଡ ପାଇଁ ସରୋଜ ହଟହଟା



ଆଜିକାଲି ସୁର ବାବୁ ଆଉ ସରୋଜ ବାବୁଙ୍କ ତୁଣ୍ଡ ବାଡ଼ବତା ମାନୁନି । ମିଡ଼ିଆ ବୁମ୍ ଦେଖିଲେ ପାଟିକୁ ଯାହା ଆସିଲା ତାହା କହିଲେ । ସୁରଙ୍କ କଥା ସବୁଦିନ ଓଡ଼ିଶା ଶୁଣୁଛି । ସେପଟେ ମଝିରେ ମଝିରେ ଆସ୍କା ବିଧାୟକ ସରୋଜ ପାଢ଼ୀଙ୍କ ଅସହ୍ୟ ବାକ୍ୟ ବାଣ ପାଇଁ ତାଙ୍କୁ ଢ଼େର ସମାଲୋଚନାର ଶରବ୍ୟ ହେବାକୁ ପଡୁଛି । କିନ୍ତୁ ସରୋଜ ବାବୁ ନିଧଡ଼କ । କାହାକୁ ହେୟାରରେ କେୟାର କରନ୍ତିନି । ହେଲେ ଏଇ ଅମାନିଆ ତୁଣ୍ଡ ପାଇଁ ସରୋଜଙ୍କୁ ହଟହଟା ହେବାକୁ ପଡ଼ିଛି । ପୁଣି ଆଉ କେହି ନୁହଁନ୍ତି, ତାଙ୍କରି ଦଳର ନେତାମାନେ ହିଁ ତାଙ୍କୁ ହଲାପଟା କରିଛନ୍ତି ।

ଘଟଣାଟି ଥିଲା ଏମିତି । ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ମହୋନକଲୋନୀ ନିକଟ ଏକ ଘରୋଇ କଲ୍ୟାଣ ମଣ୍ଡପରେ ବିଜେପିର ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଖଲ୍ଲିକୋଟ ଓ ହିଞ୍ଜିଳି ନିର୍ବାଚନମଣ୍ଡଳୀର ନେତୃବୃନ୍ଦଙ୍କ ସମେତ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ବରିଷ୍ଠ ନେତା ବିଜୟ ସ୍ୱାଇଁ, ହିଞ୍ଜିଳିକାଟୁ ବିଧାନସଭା ପ୍ରାର୍ଥୀ ଶିଶିର ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ । ଆସିକା ବିଧାୟକ ଶ୍ରୀ ପାଢ଼ୀ ଏବଂ ପୁଅ ବି ବୈଠକରେ ସାମିଲ ହୋଇଥିଲେ । ଘୁମୁସର ସାଙ୍ଗଠନିକ ଜିଲ୍ଲା ଅନ୍ତର୍ଗତ ଏହି କାର୍ଯ୍ୟକ୍ରମ ହେଉଥିବାରୁ ଜିଲ୍ଲା ସଭାପତି ନୀଳମାଧବ ପାତ୍ର ବି ବୈଠକରେ ଉପସ୍ଥିତ ଥିଲେ । ବୈଠକରେ ବିଧାୟକ ପାଢ଼ୀ ହଠାତ ନୀଳମାଧବଙ୍କ ଉପରେ ଚିହିଁକି ଉଠିଥିଲେ । ‘ଯୁଆଡେ ଯାଉଛ ଯା, ଆସ୍କା ଆସିବୁନି’ ବୋଲି ତାଙ୍କୁ କହିଥିଲେ । ଏହାକୁ ନେଇ ନୀଳଙ୍କ ସମର୍ଥକ ବିରୋଧ କରିଥିଲେ । ଗୋଟିଏ ପଟେ ସରୋଜ ଓ ତାଙ୍କ ଦୁଇ ପୁଅ ପାଟି କରୁଥିଲା ବେଳେ ଅନ୍ୟପଟେ ନୀଳମାଧବ ଓ ତାଙ୍କ ସମର୍ଥକ ପାଟି କରିଥିଲେ । ସେଠାରେ ଉପସ୍ଥିତ ଥିବା ବରିଷ୍ଠ ନେତା ସାରଦା ଶତପଥି ବି ଅସହାୟ ହୋଇପଡ଼ିଥିଲେ ।

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers
Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at
AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor: BALARAM RANASINGH

Bureau Head: BHABANI PRASAD DAS